୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.151 Bhubaneswar Saturday July 20 2024 | ୨୬ତମ ବର୍ଷ ସଂଖ୍ୟା-୧୫୧ ଭୁବନେଶ୍ୱର, ଶନିବାର, ଜୁଲାଇ ୨୦, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


# ଆଜିଠାରୁ ବିଜେପିର ଦୁଇ ଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ, ଯୋଗ ଦେବେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା





ଭୁବନେଶ୍ୱର,୧୯ ।୭(ପି.ଏନ): ଆଜିଠାରୁ ବିଜେପିର ଦୁଇ ଦିନିଆ ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ । ରାଜ୍ୟରେ ବିଜେପି ସରକାର ଗଠନ ପରେ ପ୍ରଥମ ଥର ପାଇଁ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ବସିବାକୁ ଯାଉଛି । ଏଥିପାଇଁ ଓଡିଶା ଗସ୍ତରେ ଆସୁଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା । ପୁରୀର ବଳିଆପଣ୍ଡା ସ୍ଥିତ ଏକ ହୋଟେଲରେ ଏହି ବୈଠକ ଆନୁଷ୍ଠିତ ହେବ ।ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଜୁଲାଇ ୧୯ ଓ ୨୦ରେ ହେବାକୁ ଥିବା ବିଜେପିର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ । ଆଜି ପ୍ରଥମେ ସକାଳ ୧୦ଟା ୩୦ରେ ପଦାଧିକାରୀ ବୈଠକ ହେବାକୁଥିବାବେଳେ ଅପରାହ୍ନ ୨.୩୦ରେ କାର୍ଯ୍ୟକାରିଣୀ ବୈଠକକୁ ଉଦଘାଟନ କରିବେ ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡା । ବୈଠକରେ କ୍ଷେତ୍ରୀୟ ପ୍ରଭାରୀ ଶ୍ରୀ ସୁନିଲ ବଂସଲ. ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟ ପାଲ ସିଂହ ତୋମାର, ରାଜ୍ୟ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି ପ୍ରମୁଖ ଯୋଗ ଦେବେ । କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ, କେନ୍ଦ୍ରମନ୍ତ୍ରୀ, ଦୁଇ ଉପମୁଖ୍ୟମନ୍ତ୍ରୀ, ରାଜ୍ୟ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ, ସମସ୍ତ ସାଂସଦ ଓ ବିଧାୟକ, ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଜିଲ୍ଲା ସଭାପତି ଓ ସାଧାରଣ ସଂପାଦକ, ଲୋକସଭା ସଂଯୋଜକ ଓ ପ୍ରଭାରୀ, ବିଧାନସଭା ସଂଯୋଜକ ଓ ପ୍ରଭାରୀ, ବିଭିନ୍ନ ମୋର୍ଚ୍ଚାର ରାଜ୍ୟ ପଦାଧିକାରୀମାନେ ଯୋଗ ଦେବେ । ସାଂପ୍ରତିକ ରାଜନୈତିକ ପରିସ୍ଥିତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଂପର୍କରେ ବିସ୍ତୃତ ଆଲୋଚ଼ନା କରାଯାଇ କାର୍ଯ୍ୟକାରିଣୀ ବୈଠକରେ ଆଗାମୀ ରଣନୀତି ପ୍ରସ୍ତୁତ କରାଯିବ । ନିର୍ବାଚ଼ନ ପରବର୍ତ୍ତୀ ଅବସ୍ଥାରେ କେନ୍ଦ୍ରରେ ତୃତୀୟ ଥର ଏବଂ ଓଡ଼ିଶାରେ ବିଜେପି ପ୍ରଥମ ଥର ସରକାର ଗଠନ ହେବା ପରେ ପୁରୀ ଠାରେ ଏହି ବୈଠକ ହେଉଛି । ଏହା ରାଜ୍ୟ ରାଜନୀତି ଉପରେ ପ୍ରଭାବ ପକାଇବ ବୋଲି ରାଜନୈତିକ ସମୀକ୍ଷକ ମାନେ ମତ ଦେଇଛନ୍ତି ।

## ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚ଼ାର୍ଯ୍ୟ ହେଲେ ଆଡଭୋକେଟ୍ ଜେନେରାଲ



ଭୁବନେଶ୍ୱର,୧୯ ।୭(ପି.ଏନ): ଓଡିଶା ହାଇକୋର୍ଟଙ୍କ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚ଼ାର୍ଯ୍ୟ ଆଡଭୋକେଟ୍ ଜେନେରାଲ ?ହୋଇଛନ୍ତି। ଶ୍ରୀ ଆଚ଼ାର୍ଯ୍ୟଙ୍କୁ ରାଜ୍ୟ ସରକାର ଏହି ବଡ ଦାୟିତ୍ୱ ଦେଇଛନ୍ତି। ପୀତାମ୍ବରଙ୍କ ନିଯୁକ୍ତି ରାଜ୍ୟ ଆଇନ ବିଭାଗ ସୂତ୍ରରୁ ସୂଚ଼ନା ଦିଆଯାଇଛି। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବାର ମାସେ ଅତିକ୍ରମ କରିଛି। ଆଜି ଯାଏଁ ଏଜି ନିଯୁକ୍ତି ହୋଇ ନଥିବାରୁ ବିଭିନ୍ନ ମହଲରୁ ଉଦବେଗ ପ୍ରକାଶ ପାଉଥିଲା। ଏପରିକି ବରିଷ୍ଠ ରାଜନେତା ବିଜୟ ମହାପାତ୍ର ଏନେଇ ପ୍ରଶ୍ନ କରିଥିଲେ। ବିରୋଧୀ ବିଜେଡି ମଧ୍ୟ ସରକାରଙ୍କୁ ଘେରିଥିଲା। କାରଣ, ଆଡଭୋକେଟ୍ ଜେନେରାଲ ଏକ ସାମ୍ବିଧାନିକ ପଦବି। ସରକାର କ୍ଷମତାକୁ ଆସିବା ପରେ ପ୍ରଥମ କ୍ୟାବିନେଟରେ ଏଜି ନିଯୁକ୍ତି ସମ୍ପର୍କରେ ନିଷ୍ପତ୍ତି କରିବା କଥା। ଏକାଧିକ ବରିଷ୍ଠ ଆଇନଜୀବୀ ଲବିରେ ଥିବାରୁ ନିଷ୍ପତ୍ତି ବିଳମ୍ବ ହୋଇଥିଲା। ମୋହନ ସରକାର ଶେଷରେ ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚ଼ାର୍ଯ୍ୟଙ୍କ ନାଁରେ ମୋହର ମାରିଛନ୍ତି।

## ୧୨ ମାଓବାଦୀ ନିହତ ଘଟଣା: ସୂଚ଼ନା ଦେଇଥିବା ବ୍ୟକ୍ତିଙ୍କୁ ମିଳିବ ୮୬ ଲକ୍ଷ

ଭୁବନେଶ୍ୱର,୧୯ ।୭(ପି.ଏନ): ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ପୁଲିସ୍‌କୁ ସୂଚ଼ନା ଦେଇଥିବା ଜଣେ ଆଦିବାସୀଙ୍କୁ ମିଳିବ ୮୬ ଲକ୍ଷ ଟଙ୍କା। ତାଙ୍କ ସୂଚ଼ନା ଯୋଗୁ ସୁରକ୍ଷାକର୍ମୀମାନେ ସଫଳତାର ସହ ୧୨ ଜଣ ମୋଷ୍ଟୱାଣ୍ଟେଡ ମାଓବଦୀଙ୍କୁ ଖତମ କରିବାକୁ ସକ୍ଷମ ହୋଇଥିଲେ। ମହାରାଷ୍ଟ୍ର-ଛତିଶଗଡ ସୀମାନ୍ତରେ ଥିବା ଗଡଚ଼ିରୋଲିର ୱାଣ୍ଡୋଲି ଜଙ୍ଗଲରେ ବୁଧବାର ହୋଇଥିବା ଏନକାଉଣ୍ଟରରେ ସୁରକ୍ଷାକର୍ମୀଙ୍କୁ ସଫଳତା ମିଳିଥିଲା। ଏପରି ସଫଳତାର ସମସ୍ତ ଶ୍ରେୟ ଜଣେ ଆଦିବାସୀଙ୍କୁ ମିଳିଛି।

## ବିଜେଡି ବିଧାୟକଙ୍କ ସହଯୋଗୀଙ୍କୁ ରାସ୍ତାରୁ ଉଠାଇ ନେଲା ଭିଜିଲାନ୍ସ



ଭୁବନେଶ୍ୱର,୧୯ ।୭(ପି.ଏନ): ବିଜେଡି ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ସହଯୋଗୀ ଦିନେଶ କୁମାର ରାଉତଙ୍କୁ ରାସ୍ତାରୁ ଉଠାଇ ନେଲା ଭିଜିଲାନ୍ସ। ତାଙ୍କଠାରୁ ୫ ଲକ୍ଷରୁ ଅଧିକ ଟଙ୍କା ଓ ବୋଲେରୋ ଜବତ କରିଛି। ଏଥିସହ ତାଙ୍କ ଘର ଓ ଦୋକାନରେ ଭିଜିଲାନ୍ସ ଚ଼ଢ଼ଉ ଚ଼ଳାଇଛି। କଳାହାଣ୍ଡି ଜିଲ୍ଲା ବିଜେଡି ସମ୍ପାଦକ ତଥା ଗୋଲାମୁଣ୍ଡା ବ୍ଲକ୍ ବୃନ୍ଦାବାହାଲ ପଞ୍ଚାୟତର ସରପଞ୍ଚ ହେଉଛନ୍ତି ଦିନେଶ କୁମାର ରାଉତ। ସେ ହେଉଛନ୍ତି ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ସହଯୋଗୀ। ଆଜି ସେ ଗୋଲାମୁଣ୍ଡାରୁ ନିଜର ବୋଲେରୋ ନଂ.(OD-08-C-5335)ରେ ନିଜ ଘରକୁ ଆସୁଥିଲେ। ତେବେ ଖଲିଆକାନି ନିକଟରେ ତାଙ୍କ ଗାଡିକୁ ଅଟକାଇଥିଲା ଜୟପୁର ଭିଜିଲାନ୍ସ ବିଭାଗର ୧୦ ଜଣିଆ ଟିମ୍। ପରେ ତାଙ୍କ ଗାଡିକୁ ଯାଞ୍ଚ କରାଯାଇଥିଲା। ସେହି ସମୟରେ ଗାଡିରୁ ୫ ଲକ୍ଷ ୪ ହଜାର ଟଙ୍କା ମିଳିଥିଲା।

## ସରକାରୀ ମହାବିଦ୍ୟାଳୟ ଛାତ୍ରୀ ନିବାସର ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଝାଡାବାନ୍ତିରେ ଆକ୍ରାନ୍ତ

ସୁନ୍ଦରଗଡ,୧୯ ।୭(ପି.ଏନ): ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଛାତ୍ରୀ ନିବାସର ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୨୦ ଜଣ ଛାତ୍ରୀ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଗୁରୁବାର ରାତ୍ର ଭୋଜନ ପରେ ସମସ୍ତଙ୍କ ପେଟ ମୋଡ଼ିହେବା ଦରଜ ଏବଂ ଝାଡାବାନ୍ତି ହୋଇଥିବା ଅଭିଯୋଗ। ଗତ ରାତି ଦେହ ଅସୁସ୍ଥ ହେଲା ପରେ ସମସ୍ତ ଛାତ୍ରୀଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖରାପ ଖାଦ୍ୟ ଯୋଗୁଁ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ବିଗିଡି ଥିବା ଅଭିଯୋଗ ହେଉଛି।



## ଅବପାତରେ ପରିଣତ ହେଲା ଲଘୁଚ଼ାପ, ଏହି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୯ ।୭(ପି.ଏନ): ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସୁଦୃଶ୍ୟ ଲଘୁଚ଼ାପ ଅବପାତରେ ପରିଣତ ହୋଇଛି ।ଆସନ୍ତାକାଲି ସୁଦ୍ଧା ଅବପାତଟି ପୁରୀ ଦେଇ ଓଡିଶା ଉପକୂଳ ଅତିକ୍ରମ କରିବ। ବର୍ତ୍ତମାନ ଅବପାତଟି ପୁରୀଠାରୁ ୭୦ କିମି ଦୂରରେ ଥିବାବେଳେ ଗୋପାଳପୁର ଓ ପାରାଦୀପଠାରୁ ୧୩୦ କିମି ଦୂରରେ ଅବସ୍ଥିତ ।ଏହା ପ୍ରଭାବରେ ପୁରୀ ସମେତ ରାଜ୍ୟରେ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ 'ଏକ୍ସ 'ରେ ସୂଚ଼ନା ଦିଆଯାଇଛି ।ପାଣିପାଗର କେନ୍ଦ୍ରର ସୂଚ଼ନା ଅନୁସାରେ, ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ୱେଲ୍ ମାର୍କଡ ଲୋ-ପ୍ରେସର ବା ସୁଦୃଶ୍ୟ ଲଘୁଚ଼ାପ ପ୍ରଭାବରେ ଆଜିଠାରୁ ରାଜ୍ୟରେ ୪ ଦିନ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ ।

## ରତ୍ନଭଣ୍ଡାରରେ ଖାଲି ଅଳଙ୍କାର ନୁହେଁ, ଗଛିତ ଅଛି ରାଜା ରାଜୁଡା ଅମଳର ଯୁଦ୍ଧାସ୍ତ୍ର ଓ ମୁକୁଟ



ଭୁବନେଶ୍ୱର,୧୯ ।୭(ପି.ଏନ): ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଖାଲି ଅଳଙ୍କାର ନୁହେଁ, ଗଛିତ ଅଛି ରାଜା ରାଜୁଡା ଅମଳର ଯୁଦ୍ଧାସ୍ତ୍ର ଓ ମୁକୁଟ। ଯେଉଁଥିରେ ତେଣ୍ଟା ଓ ବର୍ଛା ଭଳି ରାଜା ରାଜୁଡା ଅମଳର ଅସ୍ତ୍ରଶସ୍ତ୍ର ରହିଛି। ଗୁରୁବାର ମହାପ୍ରଭୁ ଜଗନ୍ନାଥଙ୍କ ଭିତର ଭଣ୍ଡାରରୁ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସମସ୍ତ ରତ୍ନ ଅଳଙ୍କାର ସ୍ଥାନାନ୍ତର ପରେ ଆଜି ଏଭଳି ଆଚ଼ମ୍ବିତ କଲାଭଳି ତଥ୍ୟ ଦେଇଛନ୍ତି ଖୋଦ ରତ୍ନଭଣ୍ଡାର ତଦାରଖ କମିଟିର ମୁଖ୍ୟ ଜଷ୍ଟିସ ବିଶ୍ୱନାଥ ରଥ। ଓଟିଭିକୁ ସାକ୍ଷାତକାର ଦେଇ ଜଷ୍ଟିସ୍ ରଥ କହିଛନ୍ତି, ଭିତର ରତ୍ନଭଣ୍ଡାର ସିନ୍ଦୁକ ଓ ଆଲମିରାରେ କିଛି ଯୁଦ୍ଧ ସାମଗ୍ରୀ ରହିଛି। ସେଥିରେ କେତେକ ତେଣ୍ଟା ବରଛା ଆଦି ଥିବା ଦେଖିବାକୁ ମିଳିଛି। ତେବେ ସେ ଅସ୍ତ୍ରଶସ୍ତ୍ର ଗୁଡିକ କଳା ପଡିଯାଇଥିବାରୁ ତାହା କେଉଁ ଧାତୁରେ ତିଆରି ଜଣାପଡିନି। ସେଗୁଡିକୁ ସିଲ କରାଯାଇ ଅସ୍ଥାୟୀ ଭଣ୍ଡାରରେ ରଖାଯାଇଛି। ଏଥିସହ ସେ ଏକଥା ମଧ୍ୟ ସ୍ୱୀକାର କରିଛନ୍ତି ଯେ, ରତ୍ନଭଣ୍ଡାରରେ ମୁକୁଟ ଅଛି। ହେଲେ କେତେଟା ମୁକୁଟ ଅଛି ତାହା କେଉଁ ରାଜାମାନଙ୍କର ସେ ଗୁମର କିନ୍ତୁ ଖୋଲିଲେନି। କେବଳ ଚ଼ୁମ୍ବକରେ ଏତିକି ସୂଚ଼ନା ଦେଇଛନ୍ତି ଯେ, ମୁକୁଟଗୁଡିକୁ ପୂର୍ବ ଗଣତି ବେଳେ ନମ୍ବରିଂ କରାଯାଇଛି।

## ବ୍ଲାକ୍ ରୋଜ ବୁଡି: ସିବିଆଇ ତଦନ୍ତକୁ ସମ୍ମତି ଦେବେ କି ମୋହନ ସରକାର



ଭୁବନେଶ୍ୱର,୧୯ ।୭(ପି.ଏନ): ୨୦୦୯ ସେପ୍ଟେମ୍ବର ୯ ତାରିଖ। ପାରାଦୀପ ବନ୍ଦରର ୫ କିମି ଦୂରରେ ବୁଡିଗଲା ବ୍ଲାକ ରୋଜ୍ ଜାହାଜ। ଓଡିଶାରେ ବେଆଇନ ଲୁହାପଥର ଚୋରା ଚ଼ାଲାଣ ବ?ଥିବା ବେଳେ ଏହି ଜାହାଜରେ ଓଡିଶାରୁ ଚ଼ୀନ ଯାଉଥିଲା ଚୋରା ଲୁହାପଥର। ଜାହାଜରେ ବେଆଇନ କାଗଜପତ୍ରରେ ଯାଉଥିଲା ୨୩,୮୪୩ ଟନ୍ ଚୋରା ଲୁହାପଥର। ପୂର୍ବରୁ ହାଇକୋର୍ଟରେ ସିବିଆଇ ତଦନ୍ତ ପାଇଁ ଦୁଇଟି ଆବେଦନର ଶୁଣାଣି ଚ଼ାଲିଥିବାବେଳେ ରାଜ୍ୟ ସରକାର ସହଯୋଗ ନ କରିବାରୁ ତଦନ୍ତ ଆଗେଇ ପାରିଲା ନାହିଁ ବୋଲି ସିବିଆଇ ସୂଚ଼ନା ଅଧିକାର ଆଇନରେ ଦର୍ଶାଇଥିଲା। ସୂଚ଼ନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ ପୁଣି ଥରେ ୨୦୨୩ ଅଗଷ୍ଟ ୩୦ରେ ହାଇକୋର୍ଟରେ ମାମଲା କଲା ପରେ ଗତ ଏପ୍ରିଲ ୧୫ ତାରିଖର ଶୁଣାଣିରେ ଜାହାଜ ଚ଼ଳାଚ଼ଳ ମନ୍ତ୍ରଣାଳୟ, ପାରାଦୀପ ପୋର୍ଟ ଟ୍ରଷ୍ଟ ଓ ସିବିଆଇ ଏହାର ତଦନ୍ତ ପାଇଁ ସମ୍ମତି ଜଣାଇଛନ୍ତି। ସେତେବେଳେ ରାଜ୍ୟରେ ବିଜେଡି ସରକାର ଥିବାରୁ ରାଜ୍ୟ ସରକାର ସିବିଆଇ ତଦନ୍ତ ପାଇଁ ଅନୁମତି ଦେଇନଥିବା ଅଭିଯୋଗ ହୋଇଛି। ଏବେ ବିଜେପି ସରକାର ତୁରନ୍ତ ସିବିଆଇ ତଦନ୍ତ ପାଇଁ ଅନୁମତି ଦିଅନ୍ତୁ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି ଓଡିଶା ସୂଚ଼ନା ଅଧିକାର ଅଭିଯାନର ଆବାହକ ପ୍ରଦୀପ ପ୍ରଧାନ। ବ୍ଲାକ୍ ରୋଜ ଜାହାଜର ମାଲିକ ହେଉଛନ୍ତି ସିଙ୍ଗାପୁରର ପାକମାର ସିପିଙ୍ଗ କମ୍ପାନୀର ଏମଡି ସିତକି କୋକ। କ୍ରାଇମ୍ ବ୍ରାଂଚ଼ ତାଙ୍କୁ କୋର୍ଟ ଜରିଆରେ ସିଙ୍ଗାପୁରରୁ ଆଣିବାକୁ ଚେଷ୍ଟା କରି ବିଫଳ ହୋଇଥିଲା। ଜାହାଜରେ ଲହୁପଥର ବୋହୁଥିବା ଓଡିଶାର ଦୁଇ କମ୍ପାନୀ ଥିଲେ- ଏ ବି ମିନେରାଲ୍ସ ଆଣ୍ଡ୍ ରିସୋର୍ସସ୍ ଏବଂ ରେକଟର ମାଇନ୍ସ। ଚୋରା ଚ଼ାଲାଣ ବେଳେ ବୁଡି ଯାଇଥିବା ଜାହାଜରୁ ସମୁଦ୍ରରେ ଖେଳିଯାଇଥିଲା ଜାହାଜର ଇନ୍ଧନ ।ଚୋରା ଚ଼ାଲାଣକାରୀ ଖସିଯାଇଥିବାବେଳେ ସାମୁଦ୍ରିକ ପରିବେଶ ପ୍ରତି ବିପଦ ସୃଷ୍ଟି ହେବାରୁ ପାରାଦୀପ ପୋର୍ଟ ଟ୍ରଷ୍ଟ ସମୁଦ୍ରରୁ ତେଲ କା?ିବାରେ ୧୭.୬୫ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ସେତେବେଳେ ଏହି ଚୋରା ଲୁହାପଥର ଚ଼ାଲାଣ ପଛରେ ଶାସକ ବିଜେଡି ଦଳ ଲୋକ ଥିଲେ ବୋଲି ବିରୋଧୀ ବାରମ୍ବାର ଅଭିଯୋଗ କରିଥିଲେ, ହେଲେ ତଦନ୍ତ ନହେବାରୁ ଲୁହାପଥର ଚୋରା ଚ଼ାଲାଣକାରୀ ଦଣ୍ଡ ପାଇଲେ ନାହିଁ।


ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ ଅଶ୍ୱିନୀ କୁମାର ସ୍ୱାଇଁ

ତିନିଘରିଆ, ନୂଆବଜାର, କଟକ

ଆବିର୍ଭାବ : ୨୧.୦୨.୧୯୪୪

ତିରୋଧାନ : ୧୦.୦୭.୨୦୨୪

ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ସରଳତା, କାର୍ଯ୍ୟଦକ୍ଷତା , ସାଧୁତା ଓ ପରୋପକାରିତା ଆମ୍ଭମାନଙ୍କ ଚଲାପଥରେ ସହାୟକ ହେଉ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

ଶୋକ ସନ୍ତପ୍ତ : ପତ୍ନୀ- ନିର୍ମଳା, ଭାଇ- ଅଶୋକ, ଅରୁଣ, ଅସିତ୍ ପୁତ୍ର-ଆଲୋକେଶ, ଅମରେଶ- ସେଫାଳୀ (ପୁତ୍ର-ପୁତ୍ରବଧୂ), ନାତି-ଆର୍ଯ୍ୟାନ, ଲୋପାମୁଦ୍ର-କାହ୍ନୁ (କନ୍ୟା-ଜ୍ୱାଇଁ), ନାତୁଣୀ-ଈଶା

ବନ୍ଧୁ ପରିଜନ ଓ ସ୍ୱାଇଁ ପରିବାର








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



# ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୁଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କେନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡ଼ି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ**: ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ**: ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ**: ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ**: ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ**: ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା**: ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା**: ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା**: ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ**: ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର**: କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ**: ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ**: ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ସାହିତ୍ୟ ସାରଥି-ଗୌରୀଶଙ୍କର

ଓଡିଆ ଜାତି ଦାରୁଣ ସଙ୍କଟର ସମ୍ମୁଖୀନ ହୋଇ ଅତ୍ୟାଚାର, ଅନ୍ୟାୟ, ଅନୀତି, ପରାଧୀନତାରେ ସଢୁଥିବା ବେଳେ ଉତ୍କଳର ପ୍ରାଣ, ପ୍ରଜ୍ଞାପୁରୁଷ ସାହିତ୍ୟ ସାରଥୀ ପ୍ରବୀଣ ସାମ୍ବାଦିକ କର୍ମବୀର ଗୌରିଶଙ୍କର କଟକ ଜିଲ୍ଲାର ଦୀକ୍ଷିତ ପଡାରେ ୧୮୩୮ ମସିହା ଜୁଲାଇ ୧୩ ତାରିଖ ଆଷାଢ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ପିତା ସଦାଶିବ ରାୟ ଓ ମାତା ଅନ୍ନପୂର୍ଣ୍ଣା ଦେବୀଙ୍କ କୋଳ ମଣ୍ଡନ କରିଥିଲେ। ତାଙ୍କର ପୂର୍ବପୁରୁଷମାନେ ଷୋଡଶ ଶତାବ୍ଦୀରେ ବର୍ଦ୍ଧମାନ ଜିଲ୍ଲାସ୍ଥ ଚମ୍ପାପୁରରୁ ଆସି ଓଡିଶାର ଦୀକ୍ଷିତ ପଡାରେ ବାସ କରୁଥିଲେ। ତାଙ୍କ ସାଙ୍ଗିଆ ଥିଲା ବସୁ ବା ବୋଷ ପରେ ସେ ରାୟ ଭାବରେ ପରିଚିତ ହେଲେ। ଶିବ ପାର୍ବତୀଙ୍କ ଆଶୀର୍ବାଦରେ ଜନ୍ମ ହୋଇଥିବାରୁ ତାଙ୍କର ନାମ ଗୌରୀଶଙ୍କର ରଖାଯାଇଥିଲା।


ପିଲାଦିନେ ଗୌରୀଶଙ୍କର ଗାଁ ଚାଟଶାଳିରେ ଓଡିଆ ଭାଷା ଶିକ୍ଷା ଆରମ୍ଭ କରିଥିଲେ, ପରେ ସେ ସରକାରୀ ଭାଷା ପାର୍ସୀକୁ ଗୁରୁ ମକ୍ତବର ଅଖୁନ୍‌ଜୀଙ୍କଠାରୁ ଶିକ୍ଷା କରିଥିଲେ। ରେଭେନ୍‌ସା କଲିଜିଏଟ୍ ବିଦ୍ୟାଳୟରୁ ଏଣ୍ଟ୍ରାସ ପରୀକ୍ଷାରେ କୃତିତ୍ୱ ପ୍ରଦର୍ଶନ କରି ବୃତି ପାଇ ଉଚ୍ଚଶିକ୍ଷା ନିମନ୍ତେ କଟକରୁ ହୁଗୁଳି ଯାତ୍ରା କରିଥିଲେ। ବାପାଙ୍କ ଆଦେଶରେ ଗୌରୀଶଙ୍କର ହୁଗୁଳିରୁ କଟକ ଫେରି କକା ଭବାନୀ ପ୍ରସାଦଙ୍କ ପରାମର୍ଶ କ୍ରମେ ବାଲେଶ୍ୱର ସ୍କୁଲରେ ତୃତୀୟ ଶିକ୍ଷକ ଭାବେ ମାସିକ ୨୦ ଟଙ୍କା ଦରମାରେ ନିଯୁକ୍ତ ହେଲେ। ସେହି ସମୟରେ ସେ ସ୍କୁଲରେ ରାଧାନାଥ ରାୟ ଓ ବୈକୁଣ୍ଠ ନାଥ ଦେ ପାଠ ପଢୁଥିଲେ। ୧୮୫୯ ମସିହାରେ କମିସନରଙ୍କ ଅଫିସରେ ଜଣେ ଅମଲା ଭାବେ ନିଯୁକ୍ତ ହେଲେ। କ୍ରମିଶନର ମି. ଜି.ଏଫ୍. କକବର୍ଣ୍ଣ ତାଙ୍କ କାର୍ଯ୍ୟଦକ୍ଷତାରେ ସନ୍ତୁଷ୍ଟ ହୋଇ ସ୍ଥାୟୀ କିରାଣି ପଦରେ ନିଯୁକ୍ତ କରିଥିଲେ। ଗୌରୀଶଙ୍କର ମନିଅର୍ଡର ଏଜେଣ୍ଟ ଓ ଟ୍ରେଜେରୀ କିରାଣି ଷ୍ଟାଫ୍ ଭାବରେ କାମ କରୁଥିବା ସମୟରେ ଜଏଣ୍ଟ ମାଜିଷ୍ଟ୍ରେଟ ଆମଷ୍ଟ୍ରଙ୍ଗ୍ ସାହେବଙ୍କ ମନିଅର୍ଡରକୁ ସମୟ ଗଡିଯାଇଥିବାରୁ ଫେରାଇ ଦେଇଥିଲେ। ଏହି କଥାରେ ଆମଷ୍ଟ୍ରଙ୍ଗ ରାଗିଯିବା ପରେ ଗୌରୀଶଙ୍କରଙ୍କର ମହାନତା ପାଖରେ ହାର ମାନିଥିଲେ। ୧୨ ବର୍ଷ କିରାଣି ପଦବୀରେ କାର୍ଯ୍ୟ କରିବା ପରେ କଟକ ଅଦାଲତରେ ଟ୍ରାନ୍ସଲେଟର ପୋଷ୍ଟରେ ମି ମାକ୍ ଫରସନ୍ ମାସିକ ୧୦୦ଟଙ୍କା ଦରମାରେ ନିଯୁକ୍ତି ଦେଲେ। ଉକ୍ତ ଚାକିରିରେ ପ୍ରାୟ ୨୦ ବର୍ଷ ସେ କାମ କରିଥିଲେ। ଗୌରୀଶଙ୍କର ରଘୁନାଥପୁର ମାଣିକରାମ ମିତ୍ରଙ୍କ କନ୍ୟାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ଥିଲେ ମଧ୍ୟ ତାଙ୍କ ଔରସରୁ ଜନ୍ମିତ ପୁଅମାନଙ୍କର ଅକାଳ ବିୟୋଗ ଘଟିଥିଲା, କେବଳ ତିନୋଟି କନ୍ୟା ସନ୍ତାନ ଜୀବିତ ଥିଲେ । ୧୮୭୫ ମସିହାରେ ତାଙ୍କ ପତ୍ନୀଙ୍କର ବିୟୋଗ ଘଟିଲା। ସେ ପୁନଃ ବିବାହ ନକରି ବ୍ରହ୍ମଚାରୀ ଜୀବନ ଅତିବାହିତ କଲେ।

ନଅଙ୍କ ଦୁର୍ଭିକ୍ଷ ସମୟରେ ଗୌରୀଶଙ୍କର ଦେବଦୂତ ପରି ଓଡ଼ିଆମାନଙ୍କୁ ଜୀଇଁବାକୁ ରାହା ଦେଖାଇଥିବାରୁ ତାଙ୍କର ଲିଖିତ ଅଭିଯୋଗ ମି. ଜର୍ଜ. କାଂପେଲ ଖଜଣା ଛାଡ଼ କରିବା ଓ ବନ୍ଦୋବସ୍ତର ମିଆଦ ୩୦ବର୍ଷକୁ ବଢାଇ ଦେଇଥିଲେ। ନଅଙ୍କ ଦୁର୍ଭିକ୍ଷର ଭୟାବହତାର ଅନୁଭବ ଗୌରୀଶଙ୍କରଙ୍କୁ ବ୍ୟଥିତ କଲା। ଗୌରୀଶଙ୍କର, ବିଚିତ୍ରାନନ୍ଦ ଦାସ, ଜଗମୋହନ ରାୟ ତିନିଜଣ ମିଳିତ ହୋଇ ୭୫୦୦ ଟଙ୍କାରେ କଟକ ପ୍ରିଣ୍ଟିଂ ପ୍ରେସ୍ ପ୍ରତିଷ୍ଠା କରିଥିଲେ। ଏହାପୂର୍ବରୁ ଖ୍ରୀଷ୍ଟଧର୍ମ ସମ୍ପର୍କିତ ପୁସ୍ତକ ଛାପା ପାଇଁ ମିଶନ ପ୍ରେସ୍ ନାମକ ଏକ ପ୍ରେସ୍ ଓଡ଼ିଶାରେ ଥାଏ। କଟକ ପ୍ରିଣ୍ଟିଂ କମ୍ପାନୀର ଗୌରୀଶଙ୍କର ସେକ୍ରେଟେରି ଓ ପରିଚାଳକ ଥିଲେ। ଓଡ଼ିଆ ପାଂଜିକୁ ପ୍ରଥମ ଥର ପାଇଁ କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରକାଶ କଲା। ତା'ପରେ ସିଦ୍ଧାନ୍ତ ଦର୍ପଣ। ଗୌରୀଶଙ୍କରଙ୍କ ପ୍ରଚେଷ୍ଟାରେ କଟକ ପ୍ରିଣ୍ଟିଂ ପ୍ରେସ୍ ସମଗ୍ର ଓଡ଼ିଶାର ସାଂସ୍କୃତିକ, ସାହିତ୍ୟିକ, କଳା, ଭାସ୍କର୍ଯ୍ୟ ଓ ରାଜନୈତିକ ଅଲୋଚନା ଓ କ୍ରିୟାକଳାପର କେନ୍ଦ୍ରସ୍ଥଳୀ ପାଲଟିଗଲା। ୧୮୬୬ ମସିହା ଅଗଷ୍ଟ ମାସରୁ ଉତ୍କଳ ଦୀପିକା ପ୍ରକାଶ ପାଇଲା। 'ଉତ୍କଳ ଦୀପିକା' ଉତ୍କଳ ଭାଷାର ସୁରକ୍ଷା, ରାଜା ପ୍ରଜାଙ୍କର ମତ ଓ ସାମାଜିକ ସ୍ଥିତି ଉପରେ ଗୁରୁତ୍ୱ ଆରୋପ କରି ଉତ୍କଳର ମୁଖପତ୍ରରୂପେ ରାଜଦ୍ୱାରରେ ଗୃହିତ ହେଉଥିଲା। ଦୀର୍ଘ ୫୦ ବର୍ଷ ଧରି ଗୌରୀଶଙ୍କର 'ଉତ୍କଳ ଦୀପିକା'ର ପ୍ରତିଷ୍ଠାତା ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। 'ଉତ୍କଳ ଦୀପିକାରେ' ଗଳ୍ପ, କବିତା, ପ୍ରବନ୍ଧ, ଇତିହାସ, ରାଜନୈତିକ କାର୍ଯ୍ୟକଳାପ ଆଦି ବିଭିନ୍ନ ଦିଗ ଉପରେ ସାରଗର୍ଭକ ଆଲୋଚନାମୂଳକ ଲେଖାମାନ ପ୍ରକାଶ ପାଉଥିଲା। ପଣ୍ଡିତ ଗୋବିନ୍ଦ ରଥ ଗୌରୀଶଙ୍କରଙ୍କ ସହାୟତାରେ ଅନେକ ଲେଖକମାନଙ୍କୁ ନେଇ ପାଠ୍ୟପୁସ୍ତକ ରଚନା କରିଥିଲେ ।

'ଓଡ଼ିଶା ଆସୋସିଏସନ୍' ବା ଉତ୍କଳ ସଭାର ଗୌରୀଶଙ୍କର ଥିଲେ ସମ୍ପାଦକ। ଏହି ସଭା ମାଧ୍ୟମରେ ଓଡ଼ିଶା ଓ କଟକର ହିତକଳ୍ପେ ବିଭିନ୍ନ ବିଷୟମାନ ଉପରେ ଧ୍ୟାନ ଦିଆଯାଉଥିଲା। ଗୌରୀଶଙ୍କର ୧୯୦୫ ମସିହାରେ ଏହି ସଭା କାର୍ଯ୍ୟର ଅବସର ଗ୍ରହଣ କରିଥିଲେ। ଗୌରୀଶଙ୍କର ରାୟ ବାହାଦୁର, ଗୋକୁଳ ନନ୍ଦ ଚୌଧୁରି ଓ କେତେଜଣ ବିଶିଷ୍ଟ ବ୍ୟକ୍ତି ମିଶି 'ଓଡ଼ିଆ ଲୋକସଭା' ନାମକ ଏକ ନୂତନ ଦଳ ଗଠନ କରିଥିଲେ। ଜାତୀୟ ମହାସଭା ବା କଂଗ୍ରେସ ସହିତ ଉତ୍କଳର ସମ୍ବନ୍ଧ ଦୃଢ ରଖିବା ପାଇଁ ସେ ପ୍ରତିବର୍ଷ ଉକ୍ତ ମହାସଭାକୁ ଉତ୍କଳ ସଭାରୁ ପ୍ରତିନିଧି ପ୍ରେରଣାର ପକ୍ଷପାତି ଥିଲେ। ସେ ଜାତୀୟ ମହାସଭାରେ ଯୋଗଦାନକୁ ମହାନ ପୂଣ୍ୟ କାର୍ଯ୍ୟ ମନେକରୁଥିଲେ। ୧୯୧୫ ମସିହାରେ ସୁଦୂର କରାଚି ଅଧିବେଶନକୁ ଯାତ୍ରା କରିଥିଲେ ଜରାଜୀର୍ଣ୍ଣ ଦେହରେ।

ସଙ୍ଗୀତ ଓ ଲୋକସାହିତ୍ୟକୁ ଦୀର୍ଘସ୍ଥାୟୀ କରିବା ପାଇଁ ଗୌରୀଶଙ୍କର ଧନ ମନ ନିୟୋଜିତ କରିଥିଲେ। ସେ ପ୍ରାଚୀନ କାବ୍ୟ ଓ ସୁନ୍ଦର ଛାନ୍ଦମାନ ରଚନା କରି ସୁମଧୁର କଣ୍ଠରେ ବୋଲିପାରୁଥିଲେ। ସେ ପ୍ରତି ସପ୍ତାହର ମଙ୍ଗଳ ବାର ଓ ଶନିବାରରେ ପ୍ରିଣ୍ଟିଂ କମ୍ପାନୀର ଦ୍ୱିତଳ ଗୃହରେ ପାଲା ଗାୟକ, ସଙ୍ଗୀତଜ୍ଞ, ବାଦକ ଓ ମିତ୍ରମାନଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟ କରୁଥିଲେ। ଆମନ୍ତ୍ରିତ ବନ୍ଧୁମାନଙ୍କୁ ସେ ସମ୍ମାନର ସହିତ ଉପାଦେୟ ଭୋଜନାଦି ପୂର୍ବକ ଉତରୀୟ ପ୍ରଦାନ କରୁଥିଲେ। ଏହି ସଭାରେ ଆଶୁକବିମାନଙ୍କୁ ଉଚ୍ଚ ପ୍ରଶଂସା କରୁଥଲେ। ସଙ୍ଗୀତ ଶିକ୍ଷା ଓ ଶ୍ରବଣ ଦ୍ୱାରା ଆତ୍ମା ପରମସୁଖ ଓ ଶାନ୍ତି ପ୍ରାପ୍ତ ହେବ ବୋଲି ତାଙ୍କର ଦୃଢବିଶ୍ୱାସ ଥିଲା। ନାରୀ ସୃଷ୍ଟିକର୍ତ୍ରୀ ଓ ସନ୍ତାନର ପ୍ରଥମ ଗୁରୁ। ତେଣୁ ଗୌରୀଶଙ୍କର ନାରୀଶିକ୍ଷାକୁ ଗୁରୁତ୍ୱ ଦେବାପାଇଁ ୧୮୬୮ ମସିହାରେ ଏକ ଚାଳଘରେ ଛଅ ସାତ ଜଣ ବାଳିକାଙ୍କୁ ନେଇ, କଟକ ହିନ୍ଦୁ ବାଳିକା ବିଦ୍ୟାଳୟ ସ୍ଥାପିତ କରିଥିଲେ। ପରବର୍ତୀ ମୁହୂର୍ତରେ ତାହା ରେଭେନ୍ସା ହିନ୍ଦୁ ବାଳିକା ବିଦ୍ୟାଳୟରେ ନାମିତ ହେଲା। କୁମାରୀ ସରଳା ଦେବୀ ଝିଅମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଶିକ୍ଷା ପ୍ରଣାଳୀ ପରିବର୍ତନର ପରାମର୍ଶ ଗୌରୀଶଙ୍କରଙ୍କୁ ଦେଇଥିଲେ। ସେହି ନିୟମ ଅନୁସାରେ ପ୍ରଥମ ବର୍ଷ ଅକ୍ଷର, ଦ୍ୱିତୀୟ ବର୍ଷ ଅଙ୍କ, ସଙ୍ଗୀତ ଓ କ୍ରୀଡ଼ା ଶିକ୍ଷା ଦିଆଯିବ। ତୃତୀୟ ବର୍ଷ ଘରକରଣାର ହିସାବପତ୍ର, ହିନ୍ଦୀ କହିବା ଓ ବୁଝିବା, ସିଲାଇ ଆଦି ଶିକ୍ଷା ଦିଆଗଲା। ଚତୁର୍ଥ ବର୍ଷରେ ବ୍ୟାକରଣ, ଭୂଗୋଳ, ହିନ୍ଦୀ ପାଠ, ଚିତ୍ର, ନକ୍ସା, ରନ୍ଧନ, ସ୍ୱାସ୍ଥ୍ୟ ବିଜ୍ଞାନ ଉପରେ ଗୁରୁତ୍ୱ ଦିଆଗଲା। ପଂଚମ ବର୍ଷରେ ଇଂରେଜୀ ସଂଯୋଜନା ଉପରେ ନକ୍ସା ଦିଆଗଲା। ଷଷ୍ଠ ବର୍ଷରେ ସଂସ୍କୃତ ଜ୍ଞାନରେ ତାଲିମ ଦିଆଗଲା। ସପ୍ତମ ବର୍ଷରେ ମୌଳିକ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଗଲା। ଗୌରୀଶଙ୍କର ପୌରାଣିକ ଉପାଖ୍ୟାନ, ଐତିହାସିକ ବୀତତ୍ୱ, ସାମାଜିକ ମୂଲ୍ୟବୋଧକୁ ନେଇ ସେହି ପାଠ୍ୟକ୍ରମ ମାଧ୍ୟମରେ ନାରୀମାନଙ୍କୁ ଶିକ୍ଷାଦେବା ପାଇଁ ପ୍ରଚେଷ୍ଟା କରିଥିଲେ। ୧୮୭୦ ମସିହାରେ ଗୌରୀଶଙ୍କର ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ସେ କଟକ ବ୍ରହ୍ମ ମନ୍ଦିରର ଅନ୍ୟତମ ଟ୍ରଷ୍ଟି ଥାଇ ଏହାର ରକ୍ଷା ଓ ଉନ୍ନତି ପାଇଁ ଚିନ୍ତା ଓ ଯତ୍ନ କରୁଥିଲେ। ବସ୍ତୁତଃ ଗୌରୀଶଙ୍କର ବ୍ରାହ୍ମଧର୍ମ ଓ ବ୍ରହ୍ମୋପାସନାକୁ ସନାତନ ଧର୍ମର ସାର ଓ ଶ୍ରେଷ୍ଠ ଅଙ୍ଗ ବୋଲି ମନେକରୁଥିଲେ। ଜନସାଧାରଣଙ୍କ ଉପକାର ସକାଶେ ସେ କଟକରେ ଟାଉନ ହଲ୍ ନିର୍ମାଣ କରିଥିଲେ।

୧୯୦୫ ମସିହାରେ କାୟସ୍ଥମାନଙ୍କ



କ୍ଷତ୍ରିୟତ୍ୱ ପ୍ରତିପାଦନ ନିମନ୍ତେ ବଙ୍ଗ ଦେଶରେ ଆନ୍ଦୋଳନ ଆରମ୍ଭ ହେଲା। ସେ ସମୟରେ ଗୌରୀଶଙ୍କର କଟକରେ କାୟସ୍ଥ ସଭାର ସଭାପତି ଥିଲେ। କାୟସ୍ଥମାନେ ଗୌରୀଶଙ୍କରଙ୍କ ନେତୃତ୍ୱରେ ଉପବୀତ ଧାରଣ କଲେ। ସେଥିପାଇଁ କାୟସ୍ଥ ସମାଜ ତାଙ୍କୁ ସମାଜଚ୍ୟୁତ କରିଥିଲା। ଏକବର୍ଷ ପରେ କାୟସ୍ଥ ସଭା ପୁଣି ସ୍ୱେଚ୍ଛାକ୍ରମେ ସାଧାରଣସଭା ଆହ୍ୱାନ କରି ଗୌରୀଶଙ୍କରଙ୍କୁ ଆପ୍ୟାୟିତ କରିଥିଲେ ଓ ସମାଜଚ୍ୟୁତ ରଦ୍ଦ କରିଥିଲେ। ଗୌରୀଶଙ୍କରଙ୍କ ନାତୁଣୀ ଶ୍ରୀମତୀ ଶୈଳବାଳା ଅଳ୍ପ ବୟସରେ ବିଧବା ହୋଇଥିଲେ। ଗୌରୀଶଙ୍କର ଶୈଳବାଳାକୁ ସ୍ୱଗୃହକୁ ଆଣି ବାଳିକା ବିଦ୍ୟାଳୟରେ ତାହାର ପଢାପଢିର ବ୍ୟବସ୍ଥା କରିଥିଲେ। ଗୌରୀଶଙ୍କରଙ୍କୁ ସାମାଜିକ ନିର୍ଯାତନାର ଭୟ ଦେଖାଇ ଉକ୍ତ କାର୍ଯ୍ୟରୁ ବିରତ ପାଇଁ କାୟସ୍ଥମାନେ ଚେଷ୍ଟା କରିଥିଲେ। ଗୌରୀଶଙ୍କର ତାଙ୍କ ନୀତିରେ ଅଟଳ ରହିଥିଲେ। ୧୯୧୬ ମସିହାରେ ଗୌରୀଶଙ୍କର ରାୟ ବାହାଦୂର ଉପାଧି ପାଇଥିଲେ।

୧୯୧୭ ମସିହା ମାର୍ଚ୍ଚ ମାସ ୫ ତାରିଖ ପ୍ରେସ୍ ଘରେ ହଠାତ୍ ସଂଜ୍ଞାହୀନ ହୋଇପଡ଼ିଲେ, ମାର୍ଚ୍ଚ ୭ ତାରିଖ ରାତ୍ର ୯.୩୦ ମିନିଟ୍‌ରେ ଓଡ଼ିଆ ଜାତିର କର୍ମପୁରୁଷ, ଓଡ଼ିଆ ଭାଷାର ପ୍ରାଣକେନ୍ଦ୍ର, ବାଗ୍ମୀ ପୁରୁଷ ସବୁଦିନ ପାଇଁ ଆଖି ବୁଜିଦେଲେ। ଗୌରୀଶଙ୍କରଙ୍କ ଅମ୍ଳାନ ପ୍ରତିଭା ତଥା କୀର୍ତି ତାଙ୍କୁ ଚିରଅମର କରି ରଖିବ। ଏ ଜାତି ଏ ଭାଷା ବଂଚିଥିବା ପର୍ଯ୍ୟନ୍ତ ତାଙ୍କର ଗୁଣଗାନ ଜୟ ଜୟକାର କରୁଥିବ।

# ଅଳିଆଗଦାରେ ପଡ଼ିଛି ଶିଳ୍ପ ନିରାପତ୍ତା ଆଇନ !

କେବଳ ଓଡ଼ିଶା ପାଇଁ ନୁହେଁ ସମଗ୍ର ଭାରତବର୍ଷର ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତ ଶିଳ୍ପ ସମ୍ବନ୍ଧୀୟ କଳକାରଖାନା ପାଇଁ କଠୋର ଆଇନ ରହିଛି। ଶିଳ୍ପଜନିତ ଶ୍ରମିକଙ୍କ ସୁରକ୍ଷାକୁ ଅଗ୍ରାଧିକାର ଭିତ୍ତିରେ ମାନିବା ପାଇଁ ବିଭିନ୍ନ ସମୟରେ ଆଇନର ତର୍ଜମାକୁ କଠୋର ବି କରାଯାଇଛି। ମାନ୍ୟବର ସୁପ୍ରିମକୋର୍ଟଙ୍କଠାରୁ ହାଇକୋର୍ଟ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଶିଳ୍ପ ନିରାପତ୍ତା ଆଇନ ମାମଲାରେ ନିରପେକ୍ଷ ତଦନ୍ତ ସହ କଠୋର ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନକୁ କଡ଼ାକଡ଼ି ନିର୍ଦ୍ଦେଶ ବି ଦିଆଯାଇଛି। ୧୯୯୪ର ଅଗ୍ରୱାଲ ଇଣ୍ଡଷ୍ଟ୍ରିଜ୍ ବନାମ ମହାରାଷ୍ଟ୍ରର ସରକାର ମାମଲାଠାରୁ ୨୦୧୨ର ପଶ୍ଚିମବଙ୍ଗ ସରକାର ବନାମ ସିଂ ଟ୍ରେଡ଼ର୍ସ ଆଲଏଜ୍ ମାମଲାରେ ମାନ୍ୟବର ସୁପ୍ରିମକୋର୍ଟ ନିରୀହ ଶ୍ରମିକଙ୍କୁ ଯୂପକାଠିର ବଳିବୋଦା କରାଯାଉଥିବା ନେଇ ଘୋର ଉଦ୍‌ବେଗ ପ୍ରକାଶ କରି ଯେଉଁ କଡ଼ା ନିର୍ଦ୍ଦେଶାବଳୀ ଜାରି କରିଥିଲେ ତାହାକୁ ଭାରତର ଅଧିକାଂଶ ଛୋଟବଡ଼ ଶିଳ୍ପସଂସ୍ଥାମାନେ ଫୁତ୍‌କାରରେ ଉଡାଇ ଦେଇଛନ୍ତି। ପ୍ରକାରାନ୍ତରେ କହିବାକୁ ଗଲେ ଶିଳ୍ପ ନିରାପତ୍ତା ଆଇନ ଅଳିଆଗଦାରେ ହିଁ ପଡ଼ିରହିଛି। ଦିନକୁ ଦିନ ଶିଳ୍ପ ପ୍ରଗତିକୁ ଅଗ୍ରାଧିକାର ଦିଆଯାଉଥିବାରୁ ଶିଳ୍ପ କାରଖାନା ଛତୁ ଫୁଟିଲା ପରି ଗଢ଼ି ଉଠୁଛି। କିନ୍ତୁ ସରକାରୀ ପ୍ରଣୀତ ଆଇନକୁ ପଛରେ ପକାଇ ଏହି କଳକାରଖାନାର କର୍ତ୍ତୃପକ୍ଷ ନା ଆଇନକୁ ମାନୁଛନ୍ତି ନା ଶ୍ରମିକଙ୍କୁ ବୈଷୟିକ ତାଲିମ ଦେଉଛନ୍ତି। କେବଳ ସେତିକି ନୁହେଁ ସରକାରଙ୍କୁ ପ୍ରଭାବିତ କରି ନିୟମିତ ଅନୁଧ୍ୟାନ ଓ ଯାଞ୍ଚ ବ୍ୟବସ୍ଥାକୁ ରୋକିବାରେ ବି ସଫଳ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ପାଖାପାଖି କାର୍ଯ୍ୟକ୍ଷମ ଅବସ୍ଥାରେ ଥିବା ଚାରିହଜାରରୁ ଊର୍ଦ୍ଧ୍ୱ ଛୋଟବଡ଼ ଶିଳ୍ପ କାରଖାନା କାର୍ଯ୍ୟକରୁଛି। ଏଥିରେ ଶ୍ରମିକ ଭାବେ କାର୍ଯ୍ୟକରୁଥିବା ଅଧିକାଂଶ ହେଉଛନ୍ତି ଦାରିଦ୍ର୍ୟ ପ୍ରପୀଡ଼ିତ ଯୁବକ, ବେକାରରେ ଛଟପଟ ହେଉଥିବା ଅଭାବୀ ଉଚ୍ଚଶିକ୍ଷିତ ପିଲା, ତଥା ଗ୍ରାମାଞ୍ଚଳ ଓ କୃଷିକ୍ଷେତ୍ରରୁ ଆସୁଥିବା ଅଣକୁଶଳୀ ଓ ଅନଭିଜ୍ଞ ଯୁବବର୍ଗ। ଦିନକୁ ଦିନ ରାଜ୍ୟରେ ଶିଳ୍ପ ପ୍ରଗତି ନାମରେ ଚଷାପୁଅର କ୍ଷତ ଉପରେ ଶିଳ୍ପର ଚିମିନ୍ ଧୂଆଁ ଉଠୁଥିବାରୁ ବେରୋଜଗାରୀ ଯୁବବର୍ଗମାନେ ଯାହା ପାଇଲେ ସନ୍ତୁଷ୍ଟ ନିଆଁରେ କମ୍ ମଜୁରୀରେ ଏହି ଶିଳ୍ପସଂସ୍ଥାରେ କାର୍ଯ୍ୟ କରୁଛନ୍ତି। ଏହି ଶ୍ରମଶକ୍ତି ହାତପାଆନ୍ତାରେ ଓ ଖୁବ୍ କମ୍ ମଜୁରୀରେ ମିଳିଯାଉଥିବାରୁ ପରବର୍ତ୍ତୀ ସମୟରେ ଶିଳ୍ପସଂସ୍ଥାମାନେ ସେମାନଙ୍କୁ ତାଲିମ ଦେବା ପାଇଁ ଉଚିତ୍ ନ ମଣି ବରଂ ସେମାନଙ୍କ ଜୀବନକୁ ତତଲା ଲୁହା ଭିତରକୁ ପୁରାଇ ଦେଉଥିବା ପରି ଅଭିଯୋଗ ବିଭିନ୍ନ ସମୟରେ ଗଣମାଧ୍ୟମରେ ଚର୍ଚ୍ଚିତ ଖବର ଭାବେ ପ୍ରକାଶ ପାଉଛି। କିଛିବର୍ଷ ତଳେ ଭାରତର ମହାଲେଖାକାର ଏଭଳି ପରିସ୍ଥିତି ପାଇଁ ଉଦ୍‌ବେଗ ପ୍ରକାଶ କରି ଶ୍ରମଜୀବୀଙ୍କୁ ବୈଷୟିକ ତାଲିମ ପ୍ରଦାନ ସହ ସେମାନଙ୍କ ଧନଜୀବନର ସୁରକ୍ଷା ପାଇଁ ବିଧିବଦ୍ଧ ଆଇନ ପ୍ରଣୟନ ପାଇଁ ସରକାରଙ୍କୁ ଯେଉଁ ପରାମର୍ଶ ଦେଇଥିଲେ, ତାହା ସରକାରୀ ନାଲିଫିତା ତଳେ ହିଁ ବନ୍ଧା ପଡ଼ିଯାଇଛି। ୨୦୦୬ରୁ ୨୦୦୮ ଦୁଇବର୍ଷ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଶିଳ୍ପସଂସ୍ଥାର ଶ୍ରମିକଙ୍କ ସୁରକ୍ଷାଜନିତ ପରିସ୍ଥିତିକୁ ତର୍ଜମା କରି ଭାରତର ମହାଲେଖାକାର ଯେଉଁ ରିପୋର୍ଟ ଦେଇଥିଲେ ତାହା ସରକାରଙ୍କ ଶୀତଳ ଭଣ୍ଡାରରେ ପଡ଼ିଛି। ଅବଶ୍ୟ ଏହାକୁ ଚାପିବା ପାଇଁ ଶିଳ୍ପସଂସ୍ଥାର ଅଦୃଶ୍ୟ ହାତର କରିସ୍ମା ହିଁ ଏସବୁ କିଛି ସମ୍ଭବ କରୁଥିବାର ଅଭିଯୋଗ ଉଠୁଛି।

ଶିଳ୍ପସଂସ୍ଥାର ଯାଞ୍ଚ ଓ ତନଖି ପାଇଁ ରାଜ୍ୟସରକାରଙ୍କ ଶ୍ରମ ବିଭାଗ ଓ ଫ୍ୟାକ୍ଟ୍ରି ଏଣ୍ଡ ବଏଲର ସେମାନଙ୍କ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନା କରୁନଥିବା ନେଇ ଖୋଦ୍ ମହାଲେଖାକାର ନିଜ ରିପୋର୍ଟରେ ଦର୍ଶାଇଛନ୍ତି। ଓଡ଼ିଶାରେ ଦୁଇବର୍ଷର ଶିଳ୍ପ ଅନୁଧାନ ସଂକ୍ରାନ୍ତ ମାମଲାରୁ ଯାହା ତଥ୍ୟ ବାହାରିଛି, ସେଥିରେ ପ୍ରକାଶ ପାଇଛି ଯେ ୩୨୭୬ ଥର ଯାଞ୍ଚ କରାଯିବାର ପ୍ରାସଙ୍ଗିକତା ଥିବାବେଳେ ମାତ୍ର ୯୯୩ ଥର ଯାଞ୍ଚ ହୋଇଛି। ପ୍ରତିଟି ଶିଳ୍ପସଂସ୍ଥାରେ ଜରୁରୀକାଳୀନ ରେସ୍‌ପନ୍ସ କେନ୍ଦ୍ର ଗଠନ କରିବା ପାଇଁ ସରକାରଙ୍କୁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ତାହାକୁ ଅଧିକାଂଶ ଶିଳ୍ପସଂସ୍ଥାମାନେ ମାନିନାହାଁନ୍ତି। ସେହିପରି ପାଞ୍ଚଶହରୁ ଊର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟରତ ଶିଳ୍ପ ସଂସ୍ଥାରେ ଜରୁରୀକାଳୀନ ଭାବରେ ଆମ୍ବୁଲାନ୍ସ ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଗଢ଼ିବାର ନିୟମକୁ ବି ଅଧିକାଂଶ ଶିଳ୍ପସଂସ୍ଥା ଗ୍ରହଣ କରିନାହାନ୍ତି। ନିକଟଅତୀତରେ ଭୂଷଣ ଇସ୍ପାତ କାରଖାନାରେ ଯେଉଁ ଭୟାବହ ବିସ୍ଫୋରଣରେ ଶ୍ରମଜୀବୀଙ୍କ ମୃତାହତ ପ୍ରସଙ୍ଗ ପରେ ଶିଳ୍ପ କାରଖାନାର ସୁରକ୍ଷା ଓ ଆଇନ ନେଇ ବିଭିନ୍ନ ଫୋରମ୍‌ରେ ପ୍ରଶ୍ନ ଉଠୁଛି । ଭୂଷଣ ମାମଲାରୁ ଯାହା ଜଣାଯାଇଛି ଏଠାରେ ୪୮ଟି ଅନୁବନ୍ଧିତ ନିର୍ମାଣ ଠିକା ସଂସ୍ଥା କାର୍ଯ୍ୟ କରୁଥିଲାବେଳେ ଅଣଅନୁବନ୍ଧିତ ସଂସ୍ଥାଙ୍କ ସଂଖ୍ୟା ଶତାଧିକରୁ ଊର୍ଦ୍ଧ୍ୱ। ଯାହାଦ୍ୱାରା ଦୁର୍ଘଟଣା ଦିନ ଶ୍ରମିକଙ୍କ ଉପସ୍ଥିତିର ତଥ୍ୟ ଦେବା ପାଇଁ ଭୂଷଣ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ। ଶିଳ୍ପସଂସ୍ଥାରେ ଶ୍ରମିକଙ୍କ ନିରାପତ୍ତା ସୁରକ୍ଷା ସମ୍ବନ୍ଧୀୟ ଓଡ଼ିଶା ଫ୍ୟାକ୍ଟ୍ରିଜ୍ ରୁଲ ୧୯୫୯କୁ ଠିକ୍‌ଭାବେ ପାଳନ କରାଯାଉନାହିଁ ବୋଲି ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ଅଭିଯୋଗ ହେଉଛି। ରାଜ୍ୟରେ ଶିଳ୍ପ ଦୁର୍ଘଟଣାରେ ୧୯୯୬ରେ ମାତ୍ର ଚାରିଜଣ ମୃତ୍ୟୁଲାଭ କରିଥିବାବେଳେ ୨୦୦୯ରେ ୧୨୨ ଜଣଙ୍କର ମୃତ୍ୟୁ ହୋଇଛି । ସେହିପରି ରାଜ୍ୟର ଚାରୋଟି ଶିଳ୍ପ ଅଦାଲତ ଓ ଶ୍ରମ ଅଦାଲତରେ ପାଖାପାଖି ୬୩୪ଟି ମାମଲା ବିଚାରଧୀନ ରହିଛି। ପଶ୍ଚିମାଞ୍ଚଳ ପୌରନିର୍ବାଚନ ପାଇଁ ରାଜ୍ୟ ସରକାର ନିଜର କଳବଳ କୌଶଳକୁ ଲଗାଇ ଦେଇଥିବାରୁ ଭୂଷଣ ମାମଲାକୁ ଗମ୍ଭୀରତାର ସହ ନେଇ ନଥିବା ନେଇ ବିରୋଧୀ ଦଳଙ୍କ ଦାବୀ ହୋଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭୂଷଣ ପରି ଭୟାବହ ଶିଳ୍ପ ବିସ୍ଫୋରଣ ମାମଲା ପରଠାରୁ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ପଦୁଟିଏ ବି ପ୍ରତିକ୍ରିୟା ଦେଇନାହାଁନ୍ତି। ପ୍ରାରମ୍ଭିକ ସମୟରେ ଭୂଷଣର ଦୁର୍ଘଟଣା ପାଇଁ ଶ୍ରମମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଆଡ଼କୁ ଆଙ୍ଗୁଠି ଉଠାଇଥିଲେ ବି ପରବର୍ତ୍ତୀ ସମୟରେ ସେ ବି ପୁରାପୁରି ନୀରବ। ସେହିପରି ବିଭିନ୍ନ ଦଳର ନେତାମାନେ ପ୍ରଥମେ ତୁମ୍ବିତୋଫାନ ଦେଖାଉଥିଲେ ବି ପରେ କିନ୍ତୁ ପୁରାପୁରି ମାମଲାରୁ ଉଭାନ ହୋଇଯାଇଛନ୍ତି। ଭୂଷଣର ଏହି ଭୟାନକ ମାମଲାକୁ ମାଡ଼ି ମକଚି ଦଳି ଦେବାକୁ କମ୍ପାନୀଠାରୁ ସରକାର ସମସ୍ତେ ହିଁ ଯେପରି ତତ୍ପର ତାହାକୁ ନେଇ ଗଣମାଧ୍ୟମରେ ବିଭିନ୍ନ ଖବର ପ୍ରକାଶ ପାଇଛି । ଯାହାଦ୍ୱାରା ଭୂଷଣର ୨୫୬ ମେଗାୱାଟ ବିଶିଷ୍ଟ ପାୱାର ପ୍ଲାଣ୍ଟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଅନୁମତି ନ ନେଇ ଚଳାଇବାର ଦୁଃସାହାସ କରିଛି। ଭୂଷଣର ବିସ୍ଫୋରଣର ପ୍ରସଙ୍ଗ ଶିଳ୍ପନିରାପତ୍ତା ଆଇନକୁ ଖୋଲାଖୋଲି ଜଳଜଳ କରି ସମସ୍ତଙ୍କୁ ହିଁ ଦେଖାଇ ଦେଉଛି। ପ୍ରଶାସନ ଓ ସରକାର ଏ ପ୍ରସଙ୍ଗକୁ ଚାପିଦେଲେ ରାଜ୍ୟରେ ପରବର୍ତ୍ତୀ ସମୟରେ ଭୂଷଣ ପରି ଭୟାନକ କାଣ୍ଡ କେତେ ନିରୀହ ମେହନତିଙ୍କ ଜୀବନଦୀପ ଯେ ନ ଲିଭାଇବ ତାହା କିଏ କହିବ?

# ପ୍ଲାଷ୍ଟିକ୍‌ର ବିଷ ବଳୟରେ ବିଶ୍ୱ: ରାଣୀ ଗୁମ୍ଫାରୁ ଆରମ୍ଭ ହେଲା ସ୍ୱଚ୍ଛ ଭାରତ ଅଭିଯାନ

ଭୁବନେଶ୍ୱର (ପିଏନ୍): ଗାଆଁରୁ ସହର ଯୁଆଡ଼େ ଦେଖିବ କୁଢ କୁଢ ପ୍ଲାଷ୍ଟିକ୍ ଆବର୍ଜନାର ପାହାଡ଼। ପ୍ଲାଷ୍ଟିକ୍‌ର ବ୍ୟବହାର କମାଇବା ପାଇଁ ଏବେ ଦେଶବ୍ୟାପୀ ଆରମ୍ଭ ହୋଇଛି ସ୍ୱଚ୍ଛ ଭାରତ ଅଭିଯାନ। ଏକକ ବ୍ୟବହାର ପ୍ଲାଷ୍ଟିକର ଉତ୍ପାଦନ, ସଂରକ୍ଷଣ, ବିକ୍ରୟ ଏବଂ ବ୍ୟବହାର ଉପରେ ସରକାର ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇଛନ୍ତି। ତଥାପି ପ୍ଲାଷ୍ଟିକ୍‌ର ବ୍ୟବହାର ବହୁ ମାତ୍ରାରେ ବଢିଚାଲିଛି। ଯଦ୍ୱାରା ସ୍ଥଳଭାଗ ହେଉକି ଜଳଭାଗ ହେଉ ସବୁଠି ପ୍ଲାଷ୍ଟିକ୍ ଅଳିଆ। କହିବାକୁ ଗଲେ ପ୍ଲାଷ୍ଟିକର ବିଷବଳୟରେ ସାରା ବିଶ୍ୱ। ଏହାର ଭୟାବହତାକୁ ନେଇ ସାରା ବିଶ୍ୱ ଚିନ୍ତାରେ। ପ୍ଲାଷ୍ଟିକ୍‌ଠାରୁ ଦୂରେଇ ରହି ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ତଥା ସୁସ୍ଥ ବାତାବରଣ ସୃଷ୍ଟି କରିବା ସମଗ୍ର ମଣିଷ ସମାଜ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର, ଖୋର୍ଦ୍ଧା ଐତିହ୍ୟ ସଂପନ୍ନ ଖଣ୍ଡଗିରି ପାହାଡ଼ର ରାଣୀଗୁମ୍ଫାରୁ ଏହି ଅଭିଯାନର ଶୁଭ୍ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ଅଭିଯାନକୁ ଆନୁଷ୍ଠାନିକ ରୂପେ ଜୟଦେବ ନିର୍ବାଚନ ମଣ୍ଡଳୀର ବିଧାୟକ ଅରବିନ୍ଦ ଢାଲି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ନେହେରୁ ଯୁବକେନ୍ଦ୍ରର ଉପ-ନିର୍ଦ୍ଦେଶକ ବିମଳ ପାତ୍ରିକ୍ ଶାହା, ଯୁବ ଅଧିକାରୀ ବିପିନ୍ କୁମାର, ଜାତୀୟ ଯୁବପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ଶୀବ ପ୍ରସାଦ ପଟ୍ଟଯୋଶୀ ପ୍ରମୁଖ ଯୋଗ ଦେଇଥିଲେ। ଅଭିଯାନରେ ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ଜାତୀୟ ଯୁବ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ପାହାଡ଼ର ଚତୁଃପାର୍ଶ୍ୱ ଏବଂ ରାସ୍ତା ଉପରେ ପଡ଼ିଥିବା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁଗୁଡ଼ିକୁ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସଂଗୃହିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କେନ୍ଦ୍ରର କୁଳମଣି ମଲ୍ଲିକ, ଶୁଭେନ୍ଦ୍ର ନାଥ ସାହୁ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଏହି ଅଭିଯାନ ଅକ୍ଟୋବର ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାର ୧୦ଟି ବ୍ଲକରେ ଚାଲୁ ରହିବ ବୋଲି ଜଣାପଡ଼ିଛି।


# ପଶ୍ଚିମ ଓଡ଼ିଶାରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପିସିସି କିଷାନ କଂଗ୍ରେସର ଦାବୀ

ଭୁବନେଶ୍ୱର (ପିଏନ୍)- ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ୭୦ ପ୍ରତିଶତ ଲୋକ ଏଠାରେ କୃଷି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। କୃଷି ଓ କୃଷକର ଉନ୍ନତି ପାଇଁ କୃଷି ବିଜ୍ଞାନ କ୍ଷେତ୍ରରେ ଉଚ୍ଚତର ଶିକ୍ଷା ଓ ଗବେଷଣାର ଯଥେଷ୍ଟ ଆବଶ୍ୟକତା ରହିଛି। ସମ୍ପ୍ରତି ଅନିୟମିତ ଜଳବାୟୁ ପରିବର୍ତ୍ତନ ଓ ଫସଲ କିସମ ଭିତରେ ବହୁ ପରିବର୍ତ୍ତନ ଘଟିଲାଣି। କୃଷି ସମ୍ପ୍ରସାରଣ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଓ ଶିକ୍ଷା ପ୍ରଣାଳୀର ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ଅତ୍ୟନ୍ତ ଜରୁରୀ। ଓଡ଼ିଶାରେ ୧୯୬୨ ମସିହାରେ ରାଜ୍ୟର ପ୍ରଥମ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରଠାରେ ପ୍ରତିଷ୍ଠା ହୋଇଥିଲା। ସେତେବେଳେ ଓଡ଼ିଶାର ଲୋକସଂଖ୍ୟା ଥିଲା ୧କୋଟି ୭୦ ଲକ୍ଷ। ଏବେ ଲୋକସଂଖ୍ୟା ୪ କୋଟି ୫୪ ଲକ୍ଷରେ ପହଞ୍ଚିଲାଣି। ବର୍ତ୍ତମାନ ରାଜ୍ୟରେ ଶାସନରେ ଥିବା ବିଜେଡ଼ି ଦଳ ତା'ର ନିର୍ବାଚନ ଇସ୍ତାହାରରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପଶ୍ଚିମ ଓଡ଼ିଶାବାସୀଙ୍କୁ ପ୍ରତିଶ୍ରୁତି ଦେଇଥିବା ବେଳେ ଶାସନର ୨୨ ବର୍ଷ ମଧ୍ୟରେ ଏପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ କଲେ ନାହିଁ। ଯାହାକି ପଶ୍ଚିମ ଓଡ଼ିଶା କାହିଁକି, ସମଗ୍ର ଚାଷୀ ସମାଜ ପାଇଁ ମୁଖ୍ୟମନ୍ତ୍ରୀଙ୍କର ଏହା ଏକ ପ୍ରତାରଣା ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ସରକାର କାଳବିଳମ୍ବ ନ କରି ତୁରନ୍ତ ପଶ୍ଚିମ ଓଡ଼ିଶାରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କୃଷକ ସେଲ୍ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକଙ୍କ ସହିତ ପଶ୍ଚିମ ଓଡ଼ିଶାର ସମସ୍ତ ଜିଲ୍ଲାର କିଷାନ କଂଗ୍ରେସ ଅଧ୍ୟକ୍ଷମାନେ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବୀ କରିଛନ୍ତି।

# ଜଗନ୍ନାଥ ମନ୍ଦିର ଚଟାଣରେ ନାମଫଳକକୁ ନେଇ ବିରୋଧ



ପାରାଦୀପ (ପିଏନ୍)- ପାରାଦୀପ ମଧୁବନସ୍ଥିତ ଜଗନ୍ନାଥ ମନ୍ଦିର ନିର୍ମାଣ ପରେ ମନ୍ଦିର ପରିସରରେ ମାର୍ବଲ ବିଛେଇ ଥିଲେ ଓଡିଶା ଷ୍ଟିଭେଡୋର୍ସ ପ୍ରାଇଭେଟ୍ ଲିମିଟେଡ୍ । ମାର୍ବଲ ପକେଇବା ପରେ ସଂପୃକ୍ତ ସଂସ୍ଥା ନିଖିଳ ସୃଷ୍ଟିର ସ୍ରଷ୍ଟା କରୁଣାମୟ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଅସୀମ କୃପାରୁ ଓଡିଶା ଷ୍ଟିଭେଡୋର୍ସ ପ୍ରାଇଭେଟ୍ ଲିମିଟେଡ୍ ଏହି ପବିତ୍ର ମନ୍ଦିରର ମାର୍ବଲ ଚଟାଣ ନିର୍ମାଣ କରିବାକୁ ସକ୍ଷମ ହୋଇପାରିଛି ବୋଲି ଏକ ମାର୍ବଲ ଫଳକ ମନ୍ଦିର ମୁଖ୍ୟ ଫାଟକ ନିକଟରେ ପକାଇଥିଲେ।



ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ଜଗନ୍ନାଥଙ୍କ ନାମକୁ ଚଢି ଦର୍ଶନ କରିବାକୁ ଯାଉଛନ୍ତି। ଯାହାକି ଜଗନ୍ନାଥପ୍ରେମୀ ଓ ଭକ୍ତମାନଙ୍କୁ ଆଘାତ ପହଂଚାଇଛି । ଏହା ମହାପ୍ରଭୁ ଜଗନ୍ନାଥଙ୍କୁ ଅସମ୍ମାନ ବୋଲି ଅଭିଯୋଗ କରିଛି ବିଶ୍ୱ ହିନ୍ଦୁ ପରିଷଦ। ଏହି ଫଳକକୁ ତୁରନ୍ତ ହଟେଇବାକୁ ଜିଲ୍ଲା ପ୍ରମୁଖ ଡଃ. ଧୃତିଧର ଦାସ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଡଃ. କାହ୍ନୁ ଚରଣ ଧୀରଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି କୋଟି ଓଡିଆର ମଉଡମଣି । ମହାପ୍ରଭୁଙ୍କ ନାମ ଉପରେ ଚଢି ଯାଉଥିବାରୁ ଏହା ମହାପ୍ରଭୁଙ୍କର ଘୋର ଅପମାନ ବୋଲି ଡଃ. ଦାସ କହିଛନ୍ତି। ମହାପ୍ରଭୁଙ୍କର ମାନସମ୍ମାନ ରକ୍ଷାକରିବା ପ୍ରତି ଓଡିଆର ଧର୍ମ। ତୁରନ୍ତ ଏହି ଫଳକ ଉଠାଇବାକୁ ସେ ଦାବୀ କରିଛନ୍ତି। ତେବେ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଅତିରିକ୍ତ ଜିଲ୍ଲାପାଳ ଡଃ. ଧୀର ପ୍ରତିଶ୍ରୁତି ଦେଇଛନ୍ତି।

# କେନ୍ଦୁଝରଗଡ ରେଳଷ୍ଟେସନରେ ଆରପିଏଫ୍ ପକ୍ଷରୁ ଫ୍ଲାଗମାର୍ଚ୍ଚ

କେନ୍ଦୁଝର (ପିଏନ୍): 'ଅଗ୍ନିପଥ' ଯୋଜନାକୁ ବିରୋଧ କରି ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ ଜାରୀ ରହିଛି। ଦେଶର ଅନେକ ସ୍ଥାନରେ ବିକ୍ଷୋଭ ଓ ହିଂସା ଦେଖିବାକୁ ମିଳୁଛି। ବିହାର ସମେତ ବିଭିନ୍ନ ରାଜ୍ୟରେ ଚାକିରି ଆଶାୟୀ ପ୍ରଦର୍ଶନବେଳେ ଟ୍ରେନରେ ନିଆଁ ଲଗାଇ ଦେବା ସହ ବିକ୍ଷୋଭ ବେଳେ ରେଳଷ୍ଟେସନରେ ବ୍ୟାପକ ଭଙ୍ଗାରୁଜା କରୁଛନ୍ତି। ଏହାକୁ ଦୃଷ୍ଟିରେ କେନ୍ଦୁଝରଗଡ ରେଳଷ୍ଟେସନରେ ରେଳବାଇ ସୁରକ୍ଷା ବଳ (ଆରପିଏଫ୍) ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ଫ୍ଲାଗମାର୍ଚ୍ଚ କରାଯାଇଛି। କୌଣସି ଅଘଟଣ ଏଡାଇବା ପାଇଁ ସ୍ଥିତିକୁ ଆଖି ଆଗରେ ରଖି ଆରପିଏଫ୍ ପକ୍ଷରୁ ଇନ୍ସପେକ୍ଟର ମନୋଜ ଜଗତାବଙ୍କ ନେତୃତ୍ୱରେ ରେଳଷ୍ଟେସନରେ ପ୍ରତିଷେଧମୂଳକ ପଦକ୍ଷେପ ନିଆଯାଇ ସଶସ୍ତ୍ର ଫୋର୍ସ ପଇଁତରା ମାରିଥିଲେ। ପୁରୀ-ବଡବିଲ ଇଣ୍ଟ ସିଟି ଟ୍ରେନ କେନ୍ଦୁଝରଗଡ ଷ୍ଟେସନରେ ପହଁଚିବା ପରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି। ପ୍ଲାଟଫର୍ମରେ ଟ୍ରେନ ଲାଗିବା ପରେ ଟିକିନିକି ଯାଂଚ କରାଯାଇଛି। ବିଶେଷତଃ ଯୁବବର୍ଗଙ୍କ ଉପରେ ସତର୍କ ନଜର ରଖାଯାଇଛି। ଆରପିଏଫ୍ ପକ୍ଷରୁ ସାଂପ୍ରତିକ ସ୍ଥିତିକୁ ନଜରରେ ରଖି ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରରେ ଯାଂଚ କଡାକଡି କରାଯାଇଛି। ଅଗ୍ନିପଥ ବିରୋଧ ହିଂସା ଆଶଙ୍କାରେ ଯେପରି ଗୋଟିଏ ସ୍ଥାନରେ ଯୁବ ଗୋଷ୍ଠୀ ଏକତ୍ରିତ ନ ହୁଅନ୍ତି ସେଥିପାଇଁ ରେଳଷ୍ଟେସନ ଏବଂ ରେଳଷ୍ଟେସନ ବାହାରେ ସତର୍କ ନଜର ରଖାଯାଇଛି।

# ରାଜମିସ୍ତ୍ରୀଙ୍କ ମୃତଦେହ ବିଲରୁ ଉଦ୍ଧାର



ଫୁଲନଖରା (ପିଏନ୍)-ସଦର ଥାନା ଗୋପାଳପୁର ଅଧିନ ଜଗନ୍ନାଥବିହାର ନିକଟସ୍ଥ ଏକ ବିଲରୁ ଜଣେ ଯୁବକଙ୍କ ମୃତ ଦେହକୁ ପୁଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣକ ହେଲେ ଜଗନ୍ନାଥବିହାର ଅଞ୍ଚଳରେ ଜଣେ ଠିକାଦାରଙ୍କ ଅଧିନରେ ରାଜମିସ୍ତ୍ରୀଭାବେ କାର୍ଯ୍ୟ କରୁଥିବା ପଶ୍ଚିମବଂଗ ପୂର୍ବ ମେଦିନପୁର ଗିରିଚୌକ ଜଲପାଇ ଗ୍ରାମର ସୁରଜିତ ବେରା (୩୨ବର୍ଷ)। ସେ ଏଠାରେ ରହି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସବୁଦିନ କାର୍ଯ୍ୟ କରୁଥିଲାବେଳେ ଦିନେ ଅନ୍ୟ ଏକ ସ୍ଥାନକୁ କାମ କରିବାକୁ ଯାଇ ଆଉ ଫେରିନଥିଲା। ବହୁ ଖୋଜାଖୋଜି ପରେ ସୁରଜିତଙ୍କ ମୃତ ଦେହ ଏକ ବିଲ ମଧ୍ୟରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏ ନେଇ ସଦର ଥାନାକୁ ଖବର ଦିଆଯିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଛି। ଏ ସଂକ୍ରାନ୍ତରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର କାରଣ ତୁରନ୍ତ ଜଣାପଡ଼ି ନ ଥିଲେ ମଧ୍ୟ ଅତ୍ୟଧିକ ମଦ୍ୟପାନ ଯୋଗୁଁ ଏପରି ହୋଇଛି ବୋଲି ପୁଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଆଇଆଇସି ସୁଧାଂଶୁଭୂଷଣ ଜେନା ସୂଚନା ଦେଇଛନ୍ତି।




# ବିନା ମାଟିରେ ଚାଷ



ପ୍ରସ୍ତୁତି- **ଡ଼ି ଶୁଭମ୍**
ସଂଯୋଜକ, କୃଷି ଦୁନିଆ

ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ। କୃଷି ଆଉ କୃଷକର ସାଥ ବିନା ଖାଦ୍ୟ ସାରା ଦୁନିଆ ପାଇଁ ଏକ ସ୍ୱପ୍ନ ପ୍ରାୟ। ମଣିଷ ଯଦି କାଲି ବଂଚିବା ପାଇଁ କିଛି ନୂଆ ସମ୍ଭାବନା ଦେଖେ ତାହେଲେ କୃଷି ବିନା ଏସବୁ ଦୁଃସ୍ୱପ୍ନ। ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା। ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା। କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା। ଚାଷ ଜମି ଥିଲା ଚାଷୀର ସବୁକିଛି। ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ। ଦେଶ ଅର୍ଥନୀତିର ମାପକାଠି ରୂପେ କୃଷିକୁ ହିଁ ବିବେଚନା କରାଯାଉଥିଲା। କିନ୍ତୁ ସମୟ ଆସିଛି କୃଷି ପାଇଁ ଆଉ ସେପରି ମନରେ ଶ୍ରଦ୍ଧା ନାହିଁ। ଚାକିରୀର ନିଶାରେ ଏବେ ସମସ୍ତେ ମତୁଆଲା। କାଦୁଅ ବିଲରେ ଗୋଡ଼ ପଶେଇବାକୁ ଆଉ କେହି ବି ଇଚ୍ଛା କରୁନାହାନ୍ତି। ଟଙ୍କା ସର୍ବସ୍ୱ ଏ ଦୁନିଆରେ ସଭିଏଁ ନିଜ କର୍ମରେ ବ୍ୟସ୍ତ। ସେଇଥିପାଇଁ ତ ଆଜି ଚାଷ ଜମି ସବୁ ପଡ଼ିଆ ହୋଇ ପଡୁଛି, ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ିଛି। ପରିବେଶ ସନ୍ତୁଳନ ଠିକ ଭାବେ ରହୁନାହିଁ। ଆଉ ଯେତିକି ବି ଚାଷ ଜମି ରହିଲା ସେସବୁ ରାସାୟନିକ ବିଷ ସାରରେ ଭରପୂର। ପରୋକ୍ଷରେ ସବୁଜ ବିଷକୁ ଗ୍ରହଣ କରୁଛନ୍ତି ମାନବ ସମାଜ। ଆଜିର ଯୁବଗୋଷ୍ଠୀ ଚାଷ ପାଇଁ ବିମୁଖ। କ୍ଷେତକାମ ପାଇଁ ଆଉ ଆଗପରି ଆଗ୍ରହ ସୃଷ୍ଟି ହେଉନାହିଁ। କିନ୍ତୁ ଆଜି ବି ଚାଷ ଜମିରେ ନୂଆ ପଦ୍ଧତିରେ ଚାଷ କରି ଲକ୍ଷଲକ୍ଷ ଟଙ୍କା କମେଇହେଉଛି। କେବଳ ଟଙ୍କା ନୁହେଁ ବରଂ ପରିବେଶ ସୁସ୍ଥ ରହିବା ସହ ମନ ବି ପ୍ରଫୁଲ୍ଲ ରହେ। ସେମିତି ଆଜି ହାଇଡ୍ରୋପନିକ୍ସ ଏବେ ଆତ୍ମନିର୍ଭରଶୀଳତାର ନୂଆ ଏକ ଅଧ୍ୟାୟ।

*ତଥ୍ୟ ସହାୟତା-ବିଶ୍ୱଜିତ ମଲ୍ଲିକ*

## ହାଇଡ୍ରୋପନିକ୍ସ କ’ଣ ?

ସାଧାରଣତଃ ଆମେ ଜାଣୁ କି ଗଛ ମାଟି ଭିତରେ ହିଁ ବଢ଼ିଥାଏ। ମାଟିର ଥିବା ଖଣିଜଲବଣ ଓ ପୋଷକତତ୍ତ୍ୱକୁ ନେଇ ଗଛ ବଂଶବିସ୍ତାର କରେ। କିନ୍ତୁ ଯଦି ଜଣକୁ କୁହାଯାଏ ଯେ ବିନା ମାଟିରେ ବି ଗଛ ବଢ଼ିପାରିବ , ତେବେ ଏହା ହୁଏତ ନୂଆ ଲାଗୁଥାଇପାରେ। କିନ୍ତୁ ଆଜିର ବିଜ୍ଞାନ ଯୁଗରେ



କୃଷିବିଜ୍ଞାନରେ ଏହା କିଛି ଅସମ୍ଭବ ନୁହେଁ। ବିନା ମାଟିରେ ଗଛ ବଢ଼ିପାରିବାର କୌଶଳକୁ ହାଇଡ୍ରୋଫନିକ୍ସ କୁହାଯାଏ। ମାଟିର ଅନୁପସ୍ଥିତିରେ ଜଳକୁ ମାଧ୍ୟମ କରି ପାଣି ଭିତରେ ପୋଷକତତ୍ତ୍ୱର ଉପାଦାନକୁ ସଂଗୃହୀତ କରି ଗଛକୁ ବଢ଼ାଯାଇପାରେ। ପାଣି ଭିତରେ ଗଛର ଚେର ଖୁବ ସହଜରେ ବଢ଼ିପାରେ। କାରଣ ଗଛ ଆବଶ୍ୟକ କରୁଥିବା ଉପାଦାନ ସବୁ ଏହି ପୋଷକଯୁକ୍ତ ପାଣିରେ ଥାଏ। ମୋଟ ଉପରେ କହିବାକୁ ଗଲେ ମୃତ୍ତିକାର ବିନା ସାହାଯ୍ୟରେ ପାଣିରେ ସମସ୍ତ ଆବଶ୍ୟକୀୟ ପୋଷକ ପଦାର୍ଥ ମିଶାଇ ଯେ କୌଣସି ଗଛ ବଢାଇବାକୁ ହାଇଡ୍ରୋପୋନିକ୍ସ କୁହାଯାଏ। ଏହି ପଦ୍ଧତିକୁ ଆମେ କୃଷିକ୍ଷେତ୍ରରେ ଉପଯୋଗ କରି ଫସଲ ଅମଳ କରିପାରିବା। ସାଧାରଣତଃ ଗଛ ବଢିବା ପାଇଁ ବିଭିନ୍ନ ପୋଷକ ପଦାର୍ଥ ମାଟିରୁ ଗ୍ରହଣ କରିଥାଏ ଠିକ୍ ସେହିପରି ହାଇଡ୍ରୋପୋନିକ୍ସ ରେ ଗଛ ପାଣିରୁ ସମସ୍ତ ଆବଶ୍ୟକୀୟ ଖାଦ୍ୟ ଗ୍ରହଣ କରିଥାଏ। ଗଛର ସମ୍ପୂର୍ଣ୍ଣ ଜୀବନକାଳ କେବଳ ପାଣିରେ ହିଁ ରହିଥାଏ। ବିଭିନ୍ନ ପ୍ରକାର ପନିପରିବା ଯଥା - ଟମାଟୋ , ପାଳଙ୍ଗ, କାକୁଡ଼ି ପ୍ରଭୃତି ସହଜରେ ଉତ୍ପାଦନ କରାଯାଇପାରେ।ଏହା ଏକ ସରଳ ପ୍ରକ୍ରିୟା ଅଟେ। ମଂଜି କିମ୍ବା ଚାରା ଗୁଡିକୁ ଏକ ପାତ୍ରରେ ରଖାଯାଇ ଏଥିରେ ତୁଳା, କାଠଗୁଣ୍ଡ, ନଡିଆ କତା, ଭରମିକୁଲାଇଟ୍ କିମ୍ବା ପରଲାଇଟ୍ ଭଳି ଯେ କୌଣସି ପଦାର୍ଥ ରଖାଯାଇଥାଏ ଯାହାକି ଗଛ ଗୁଡିକୁ ସିଧା ରଖିବାରେ ସାହାଯ୍ୟ କରିଥାଏ। ଏହି ପାତ୍ରକୁ ପୋଷକ ପଦାର୍ଥ ମିଶିଥିବା ପାଣି ରେ ରଖାଯାଏ। ଚାରା ବଡହେବା ସହ ଚେର ଗୁଡିକ ପାଣିରେ ବୁଡି ରହିଥାଏ। ଗଛର ଚେର ସେଥିମଧ୍ୟରୁ ପୋଷକ ପଦାର୍ଥ ଗ୍ରହଣ କରିଥାଏ ଏବଂ ଗଛକୁ ବଢିବାରେ ସାହାଯ୍ୟ କରିଥାଏ। ସମସ୍ତ ଗଛ ର ଚେର ଗୁଡିକୁ ସଠିକ ମାତ୍ରାରେ ଖାଦ୍ୟ ମିଳିବା ନିମନ୍ତେ ଜଳକୁ ଚକ୍ରୀୟ ପ୍ରକ୍ରିୟାରେ ଅନବରତ ପ୍ରବାହିତ କରାଯାଇଥାଏ। ଯାହା ଦ୍ୱାରା ଚେର ଉପଯୁକ୍ତ ଅମ୍ଳଜାନ ଏବଂ ଖାଦ୍ୟସାର ପାଇଥାଏ। ଏହି ଉପାୟରେ କୌଣସି ପ୍ରତିବନ୍ଧକ ନ ଥିବାରୁ ଗଛଗୁଡିକ ମାଟି ଅପେକ୍ଷା ଖୁବ ଭଲ ଏବଂ ଶୀଘ୍ର ବଢିଥାନ୍ତି। ଉପଯୁକ୍ତ ପରିବେଶ ରେ ବର୍ଷର ସବୁ ସମୟରେ ଫସଲ ଉତ୍ପାଦନ ସମ୍ଭବ ହୋଇଥାଏ। ହାଇଡ୍ରୋପୋନିକ୍ସ ଦ୍ୱାରା ଶୀତଦିନିଆ ପନିପରିବା ବର୍ଷର ଯେ କୌଣସି ସମୟରେ ଚାଷ



କରାଯାଇଥାଏ। ମୁଖ୍ୟତଃ କୌଣସି ରସାୟନିକ ସାର କିମ୍ବା ଔଷଧର ବ୍ୟବହାର ହେଉନଥିବାରୁ ଏହା ସମ୍ପୂର୍ଣ୍ଣ ରୁପେ ଜୈବିକ ହୋଇଥାଏ। ହାଇଡ୍ରୋପୋନିକ୍ସ ଉପାୟରେ ମୃତ୍ତିକାର ଆବଶ୍ୟକତା ନଥିବାରୁ ଖୁବ୍ କମ ସ୍ଥାନରେ ଉପରକୁ ଉପର ଲମ୍ୱ ଭାବେ ସୋପାନ କରି ଚାଷ କରାଯାଇପାରିବ। ଏହା ଦ୍ୱାରା କମ ସ୍ଥାନରୁ ଅଧିକ ଅମଳ ମିଳିପାରିବ। ସାଧାରଣ ଲୋକଟିଏ ମଧ୍ୟ ନିଜ ଘରେ କିମ୍ବା ଛାତ ଉପରେ ଚାଷକରି ପରିବାରର ଅବଶ୍ୟକତା ପୂରଣ କରିପାରିବ।



ସାଧାରଣତଃ ହାଇଡ୍ରୋପନିକ୍ସ ରିଜର୍ଭୟାର ଗୁଡ଼ିକ ପ୍ଲାଷ୍ଟିକରେ ତିଆରି ହୋଇଥାଏ କିନ୍ତୁ ଏହା ବ୍ୟତୀତ ଅନ୍ୟ ଉପାଦାନରେ ମଧ୍ୟ ଏହା ଗଠିତ ହୋଇଥାଏ। ଯଥା - କଂକ୍ରିଟ , କାଚ , କାଠ ଇତ୍ୟାଦି..
ହାଇଡ୍ରୋପନିକ୍ସରେ ୯୫ଶତକଡ଼ାରୁ କମ ପାଣି ବ୍ୟବହାର କରାଯାଇଥାଏ। ହାଇଡ୍ରୋପନିକ୍ସରେ ଗଛଟିଏ ଉପଯୁକ୍ତ ପୋଷକତତ୍ତ୍ୱ ପାଇ ବଂଶବିସ୍ତାର କରିଥାଏ। ଛୋଟ ଚେରଥିବା ଗଛ ଖୁବ ଶୀଘ୍ର ବଢ଼ିପାରିଥାଏ। ଏହା ପରିବେଶ ପ୍ରଦୂଷଣକୁ ରୋକିବା ସହ ଏକ ସୁସ୍ଥ ଆଉ ସୁନ୍ଦର ପରିବେଶ ସୃଷ୍ଟି କରିଥାଏ।

**କ’ଣ ପାଇଁ ହାଇଡ୍ରୋପନିକ୍ସ**

- ମୁଖ୍ୟ ଉପକାରିତା ମଧରେ ହାଇଡ୍ରୋପୋନିକ୍ସ ଦ୍ୱାରା ବର୍ଷର ଯେ କୌଣସି ସମୟରେ ମଧ ଫସଲ ଚାଷ ଏବଂ ଅମଳ କରାଯାଇ ଖାଦ୍ୟ ସମସ୍ୟାକୁ ଦୂର କରାଯାଇପାରିବ।
- ଏହି ଉପାୟରେ ୯୦ ପ୍ରତିଶତ ଜଳ ସଂରକ୍ଷଣ କରାଯାଇପାରିବ।
- ସ୍ୱଳ୍ପ ସ୍ଥାନ ଏବଂ ଖୁବ କମସମୟରେ ଅଧିକ ଫସଲ ଅମଳ କରାଯାଇପାରିବ।
- ଏହା ଦ୍ୱାରା ଜୈବିକ ଫସଲ ଉତ୍ପାଦନ କରାଯାଇପାରିବ।
- ପରିବାର ର ପାକଶାଳା ପାଇଁ ଏହା ଏକ ବରଦାନ ସଦୃଶ ଯାହାକି ସମସ୍ତ ପନିପରିବାର ଚାହିଦା ପୁରଣ କରିପାରିବ।
- ହାଇଡ୍ରୋପୋନିକ୍ସରେ ବ୍ୟବହୃତ ପୋଷକ ପଦାର୍ଥ ର ମୂଲ୍ୟ ଜମିରେ ବ୍ୟବହୃତ କୀଟନାଶକ ଏବଂ ସାର ଅପେକ୍ଷା ବହୁତ କମ।
- କୌଣସି ଅନାବନା ଘାସ ଉଠୁନଥିବା ହେତୁ ଫସଲ ଭଲ ବଢିଥାଏ।
- ମୂଲ୍ୟବାନ ବୃକ୍ଷ ଫୁଲ ମଧ ଚାଷକରାଯାଇ ପାରିବ।

**ଅପକାରିତା**

- ଏଥିପାଇଁ ପ୍ରଥମତଃ ଏହାର ପରିଚାଳନା ନିମନ୍ତେ ପ୍ରଶିକ୍ଷିତ ବ୍ୟକ୍ତି ଆବଶ୍ୟକ।
- ଗଛ ଗୁଡିକର ଚେର ସମ୍ପୂର୍ଣ୍ଣ ରୁପେ ପାଣିରେ ବୁଡିରହୁଥିବା ହେତୁ ରୋଗ ସଂକ୍ରମଣର ଆଶଙ୍କା ଅଧିକ ଥାଏ।
- ଚେର ପାଣିରେ ଭାସୁଥିବା ହେତୁ ଫଳ ଧରିବା ସମୟରେ ଗଛ ଗୁଡିକ ଭାଙ୍ଗିଯିବାର ଆଶଙ୍କା ରହିଥାଏ।
- ଜଳରେ ଲବଣ ଅଂଶ ରହିଲେ ଗଛ ବୃଦ୍ଧିରେ ଅସୁବିଧା ହୋଇଥାଏ।
- ଏହା ଲାଭଦାୟୀ ପଦ୍ଧତି ହେଲେମଧ ପ୍ରଥମିକ ଖର୍ଚ୍ଚ ବହୁତ ଅଧିକ ହୋଇଥାଏ।
- ସାଧାରଣତଃ ଲୋକମାନେ ସ୍ୱଳ୍ପ ଆୟ ହାଇଥିବାରୁ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି।

# ଚାଷ ଓ ଚାଷୀର କଥା...



ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ ଓଡ଼ିଶା ସରକାରଙ୍କ ଦ୍ୱାରା ୧ ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

**କୃଷକ ପାଠ୍ୟକ୍ରମ :**

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।
ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ
(ସହାୟତା- ବିଜ୍ଞାନ)



# ଲାଭଦାୟକ ଫସଲ ବାଇଗଣ



ବାଇଗଣ ଏକ ମୁଖ୍ୟ ପରିବା ଭାବେ ବେଶ ଆଦୃତ । ପ୍ରତି ଓଡ଼ିଆଙ୍କ ପରିବା ଡାଲାରେ ଏକ ନିୟମିତ ପରିବା ଭାବେ ପରିଚିତ ମଧ୍ୟ । ଭୋର ପହନ୍ତାରୁ ଚୁଲିମୁଲେ ପୋଡ଼ା ବାଇଗଣ ସାଙ୍ଗକୁ ପଖାଳ ଭାତ ବେଶ୍ ଜମେ । ତେବେ ଧଳା ବାଇଗଣରେ ଔଷଧୀୟ ଗୁଣ ତଥା ଫାଇବର, ମିନେରାଲ ରହିଥିବା ହେତୁ ଡ଼ାୟାବେଟିକ ରୋଗୀ , ଗର୍ଭବତୀ ମହିଳା ଏବଂ ବ୍ଲଡ୍ ପ୍ରେସର୍ ରୋଗୀମାନେ ଏହାକୁ ଅଧିକ ଖାଇଥାନ୍ତି । ଆଜିକାଲି ବଜାରରେ ବାଇଗଣର ବେଶ ଚାହିଦା ମଧ୍ୟ ରହିଛି ଏଣୁ ଜଳ ସେଚନ ସୁବିଧା ଥିବା ଢିପ ଜମିରେ ଧାନ ପରିବର୍ତ୍ତେ ବାଇଗଣ ଚାଷ କଲେ ଚାଷୀ ଭାଇମାନେ ଅଧିକ ଲାଭ ପାଇପାରିବେ ।
ସର୍ବ ପ୍ରଥମେ ଚାଷୀ ଭାଇ ମାନଙ୍କୁ ଧ୍ୟାନ ଦେବା ଦରକାର ଯେଉଁ ସମୟରେ ସାଧାରଣତଃ ବାଇଗଣ ବେଶି ଫଳି ଥାଏ ଠିକ୍ ସେହି ସମୟରେ ଦାମ୍ କମ୍ ହୁଏ ଏଣୁ ଅଧିକ ପରିମାଣରେ ଚାଷ କରୁଥିଲେ ସର୍ବଦା ବଜାର ଚାହିଦା ଏବଂ ଖାଉଟି ଦରଦାମ୍ ଉପେରେ ବିଶେଷ ନଜର ରଖି ଚାଷ କରିବାକୁ ପଡ଼ିବ। ଧଳା ବାଇଗଣର ଔଷଧୀୟ ଗୁଣ ରହିଥିବା ହେତୁ ବଜାରରେ ଅନ୍ୟ ବାଇଗଣଠୁ ଏହାର ଅଧିକ ଚାହିଦା ଦେଖାଯାଏ ସେଇପରି ଭାବେ କଣ୍ଟା ବାଇଗଣର ମଧ୍ୟ ବିଶେଷ ଚାହିଦା ରହିଛି । ତେବେ ବାଇଗଣ ଅମଳର ପରିମାଣ ସଠିକ୍ ବିହନ ଚୟନ ଏବଂ ଖାଦ୍ୟ ସାର ପରିଚାଳନା ଉପରେ ନିର୍ଭରକରେ ଏଣୁ ସର୍ବଦା ସଠିକ୍ ବିହନ ଏବଂ ସମନିତ୍ୱ ଖାଦ୍ୟ ସାର ପରିଚାଳନା କଲେ ଚାଷୀ ଭାଇମାନେ କମ୍ ଖର୍ଚ୍ଚ ରେ ଅଧିକ ଲାଭ ପାଇପାରିବେ।

**୧. ସଠିକ୍ ବିହନ ଚୟନ**

ଗାଁ ଗହଳି ରେ ଚାଷୀ ସାଧାରଣତଃ ନିକଟସ୍ଥ ଦୋକାନରେ ଉପଲବ୍ଧ ହେଉଥିବା ବିହନ ଉପରେ ନିର୍ଭର କରିଥାନ୍ତି ଏବଂ ଗାଁ ଦୋକାନୀ ନିଜକୁ ସୁହାଇଲା ଭଳି ବିହନ ମଧ୍ୟ ରଖିଥାଏ ଫଳରେ ଚାଷୀ ଉନ୍ନତ ବିହନ ପାଇପାରେ ନାହିଁ । ଏଣୁ ସବୁବେଳେ ଉନ୍ନତ ଏବଂ ରୋଗ ପ୍ରତରୋଧକ ଶକ୍ତି ଥିବା ବିହନ ଚୟନ କରିବା ଅବଶ୍ୟକ । ଓଡ଼ିଶା ଜଳବାୟୁ ପାଇଁ ଓୟୁଏଟି ଭୁବନେଶ୍ୱରରୁ କେତେକ ଉନ୍ନତ କିସମର ବିଜାଣୁ ଜନିତ ଝାଉଁଳା ରୋଗ ପ୍ରତିରୋଧ ବିହନ ଉତ୍ପାଦନ କରାଯାଇଛି ସେ ଗୁଡିକ ହେଲା ଉତ୍କଳ ତାରିଣି,ଉତ୍କଳ କେଶରୀ , ଉତ୍କଳ ମାଧୁରୀ ଏବଂ ଅନ୍ୟ ପ୍ରଜାତିର କିସମ ଯଥା ପୁଷା କ୍ରାନ୍ତି , ପୁଷା ପର୍ପଲ୍ ଲଙ୍ଗ, ପୁଷା କ୍ଲଷ୍ଟର ଆଦି କିସମର ବିହନ ଓଡ଼ିଶା ଜଳବାୟୁ ପାଇଁ ଉପଯୁକ୍ତ । ଶଙ୍କର ବା ହାଇବ୍ରିଡ୍ ଜାତୀୟ ମଧରେ ଯେ କେ ୮୦୩୧ ଅଧିକ ଅମଳ ଦେଇଥାଏ ।

**୨. ତଳି ପ୍ରସ୍ତୁତି**

ସାଧାରଣତଃ ନିଗିଡା ଦୋରସା ମାଟି ବାଇଗଣ ଚାଷ ପାଇଁ ପ୍ରସ୍ତୁତ ଏଣୁ ପାଣି ସୁବିଧାଥିବା ଉଚ୍ଚ ନିଗିଡା ଜମିରେ ତଳି ପକାଯାଏ । ବିଲକୁ ଭଲ ଭାବେ ଚାଷକରି ଅନାବନା ଘାସ ବାଛି ୩ ରୁ ୪ ଫୁଟ ଚଉଡ଼ା ଏବଂ ୧୦ ଫୁଟ ଲମ୍ବାର ଏକ ୧୦ ରୁ ୨୦ ସେମି ଉଚ୍ଚ ପଟି ପ୍ରସ୍ତୁତ କରନ୍ତୁ । ଉଚ୍ଚହେବାଦ୍ୱାରା ଜଳ ନିଷ୍କାସନ ଓ ତଳିଘର କଟା ରୋଗ କମ୍ ହୋଇଥାଏ । ତଳିପଟି ଗୁଡ଼ିକ ମଧ୍ୟରେ ୧.୫ ଫୁଟର ଏକ ରାସ୍ତା ଯିବା ଆସିବା ପାଇଁ ଛାଡନ୍ତୁ । ପ୍ରତ୍ୟେକ ତଳିପଟିରେ ୪ ରୁ ୫ ଝୁଡି ଗୋବର ଖତ ସହିତ ୭୫ ଗ୍ରାମ ୟୁରୀୟା, ୧୦୦ ଗ୍ରାମ ସୁପର ଓ ୨୫ ଗ୍ରାମ ପଟାସକୁ ଭଲ ଭାବେ ମିଶେଇ ଏକ ସମତୁଲ ତଳି ପଟି ପ୍ରସ୍ତୁତ କରନ୍ତୁ । ମି ବୁଣିବାର ୩ ରୁ ୫ ଦିନ ପୂର୍ବରୁ ତଳି ପଟି ପ୍ରସ୍ତୁତ କରିବ ଆବଶ୍ୟକ । ପିମ୍ପୁଡ଼ି କିମ୍ବା ଅନାନ୍ୟ ଉଇ ଦେଖା ଦେଲେ ତାକୁ ତୁରନ୍ତ ନଷ୍ଟ କରିବା ଆବଶ୍ୟକ ଅଟେ । ଏକ ଏକର ଜମି ପାଇଁ ସାଧାରଣତଃ ୨୦୦ ରୁ ୨୫୦ ଗ୍ରାମର ମଞ୍ଜି ଓ ୯ ଟି ତଳି ପଟି ଆବଶ୍ୟକ ହୋଇଥାଏ , ମଞ୍ଜି ବୁଣିବା ପୂର୍ବରୁ ସେଗୁଡିକୁ ୧ ଗ୍ରାମ ଥିରାମ ରେ ଭଲ ଭାବେ ବିଶୋଧନ କରି ଅଧ ଇଞ୍ଚ ଗଭୀରରେ ଧାଡ଼ି ଧାଡ଼ି କରି ବୁଣାଯାଏ। ଶୀଘ୍ର ଗଜା ବାହାରିବା ପାଇଁ ତଳି ପଟିକୁ ପାଳ ବା ନଡ଼ା ରେ ଆଛାଦିତ କରି ପାଣି ଛିଞ୍ଚନ କରାଯାଏ । ୪ ରୁ ୫ ଦିନ ପରେ ଗଜା ବାହାରେ ଏହାପରେ ପାଳ କୁ କାଢି ଦେବା ଦରକାର ଏବଂ ନିୟମିତ ଭାବେ ଯତ୍ନ ନେଲାପରେ ପ୍ରାୟ ୨୦ ରୁ ୨୫ ଦିନ ମଧ୍ୟରେ ତଳି ଗୁଡ଼ିକ ରୋଇବା ପାଇଁ ଉପଯୁକ୍ତ ହୋଇଥାନ୍ତି ।

**୩. ଜମି ପ୍ରସ୍ତୁତି**

ଏକର ପିଛା ଜମିରେ ୬ ରୁ ୮ ଗାଡ଼ି ଖତ ଦେଇ ଭଲ ଭାବରେ ଦୁଇ ଓଡ ହଳ କରି, ମଇ ସାହାଯ୍ୟରେ ମାଟିକୁ ଗୁଣ୍ଡ କରି ସମତୁଲ କରନ୍ତୁ । ତତ୍ ସହିତ ୧୦ କିଗ୍ରା ଯବକ୍ଷାରଜାନ ,୨୦ କିଗ୍ରା ଫସଫରସ ଏବଂ ୬ କିଗ୍ରା ପୋଟାସ୍ ସାର ଦେଇ କୁ ଧାଡ଼ି ୬୦ ସେମି ଏବଂ ଗଛକୁ ଗଛ ୪୫ ସେମି ଦୂରତା ମଧ୍ୟରେ ଚାରା ରୋପଣ କରି ପାଣି ଦିଅନ୍ତୁ । ୨୦ ରୁ ୨୫ ଦିନ ପରେ ଅନାବନା ଘାସ ବାଛି କୋଡ଼ାଖସା କରି ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ଏବଂ ୫ ରୁ ୭ ଦିନ ବ୍ୟବଧାନରେ ଜଳବାୟୁକୁ ଦେଖି ପାଣି ମଡ଼ାନ୍ତୁ । ସେହିପରି ୪୦ ରୁ ୪୫ ଦିନ ହେଲା ପରେ ପୁଣିଥରେ ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ସାର ସବୁବେଳେ ଗଛ ଠାରୁ ୨ ରୁ ୩ ଇଞ୍ଚ ଛାଡ଼ି ପ୍ରୟୋଗ କରିବା ଉଚିତ ।

**୪.ଅମଳ**

ତଳି ରୋଇବାର ପ୍ରାୟ ୬୦ ଦିନ ପରେ ଗଛରେ ଫୁଲ ଧରିଥାଏ ଏବଂ ଏକର ପିଛା ପ୍ରାୟ ୯୦ ରୁ ୧୧୦ କ୍ୱିଣ୍ଟାଲ ଅମଳ ହୋଇଥାଏ ।

**ମୁଖ୍ୟ ରୋଗ ଓ ପୋକ**

ବାଇଗଣରେ ମୁଖ୍ୟତଃ କାଣ୍ଡ ବିନ୍ଧା ଓ ଫଳବିନ୍ଧା ପୋକ ବେଶୀ କ୍ଷତି କରିଥାନ୍ତି । ଏହି ପୋକରୁ ରକ୍ଷା ପାଇବା ପାଇଁ ପ୍ରତି ଗଛ ପିଛା ୫୦ ଗ୍ରାମ ଲିମ୍ବ ପିଡ଼ିଆ ଏବଂ ଏକର ପ୍ରତି ୫ ଲି ଲିମ୍ବତେଲ ସ୍ପ୍ରେ କରିବା ସହିତ ପ୍ରତି ୧୦ ଧାଡ଼ିରେ ଗୋଟେ ଲେଖେ ଫେରୋମନ ଟ୍ରାପ୍ ଲଗାଇ ପୋକର ପ୍ରାଦୁର୍ଭାବ କମାଇ ପାରିବା । ଅଧିକ ପରିମାଣରେ ଦେଖା ଦେଲେ ବଜାରରେ ମିଳୁଥିବା ଇମାକ୍ଟିନ ବେଞ୍ଜ ଏଟ୍ କିମ୍ବା ଥିଓଡିକାର୍ବ କୀଟନାଶକ ୧ ଲିଟର ପାଣିରେ ୧ ଗ୍ରାମ ମିଶାଇ ଛିଞ୍ଚନ କଲେ ପୋକର ପ୍ରାଦୁର୍ଭାବ କମ୍ ହୋଇଥାଏ ।
ସେଇଭଳି ମୁଖ୍ୟ ରୋଗ ଭାବେ ଝାଉଁଳା ରୋଗ ବେଶୀ କ୍ଷତି କରେ - ଏହି ରୋଗ ବ୍ୟାକ୍ଟେରିଆ କିମ୍ବା ସୂତ୍ର କୃମି ଦ୍ୱାରା ହୋଇଥାଏ ଏଣୁ ପ୍ରଥମେ ଚେର କୁ ଅନୁଧ୍ୟାନ କରି ଏହା କେଉଁ ଦ୍ୱାରା ହୋଇଛି ତାହା ଚୟନ କରିବା ଆବଶ୍ୟକ।
୧.ମୂଳରେ ଫିମ୍ପି ଲାଗିଥିଲେ ଏହା ଫିମ୍ପି ଜନିତ ଝାଉଁଳା ରୋଗ :- ପ୍ରତି ୨ ଗ୍ରା ବାଭିଷ୍ଟିନ କିମ୍ବା ୧.୫ ଗ୍ରା ଟେବୁକୋନାଜଲ ୧ ଲି ପାଣିରେ ମିଶାଇ ଛିଞ୍ଚନ କରିବା
୨.ମୂଳରେ ଛୋଟ ଛୋଟ ଗଣ୍ଠି ଥିଲେ ଏହା ସୁତ୍ରକୃମି ଜନିତ ଝାଉଁଳା ରୋଗ :-ଦାନାଦାର କିମ୍ବା ଫୁରାଡନ୍ ଗୁଣ୍ଡ ମୂଳରେ ପକାନ୍ତୁ । ଚାଷ ଆରମ୍ଭରୁ ଗେଣ୍ଡୁ ଫୁଲ ପ୍ରତି ଧାଡ଼ିରେ ରୋପୋଣ କଲେ ଏହା ଏକ ଜନ୍ତା ଫସଲ ଭାବେ କାର୍ଯ୍ୟ କରିବା
୩. ବ୍ୟାକ୍ଟେରିଆ ଜନିତ ଝାଉଁଳା ରୋଗ ହୋଇଥିଲେ :- ପ୍ଲାଷ୍ଟମାଇସିନ ୧ ଗ୍ରା ପ୍ରତି ଲିଟର ଜଳରେ କିମ୍ବା ଷ୍ଟେପଟ୍ରେମାଇସିନ୍ ୨ ଗ୍ରା ପ୍ରତି ୧୦ ଲି ଜଳରେ ମିଶ୍ରଣ କରି ଗଛ ମୂଳରେ ଭଲ ଭାବେ ମାଟି ଓଦା ହେଲା ଭଳି ଛିଞ୍ଚନ କରନ୍ତୁ ।

ବିଜ୍ଞାନ ରଞ୍ଜନ ସାହୁ
ଓୟୁଏଟି,ଭୁବନେଶ୍ୱର
ମୋ ୯୫୫୬୨୫୯୯୧୯




# ସର୍ବ ସୁଖ-ଧାମ ରାମ ଓ ରାମପ୍ରାଣ ହନୁମାନ

**ଗୋ**ସ୍ୱାମୀ ତୁଳସୀ ଦାସଙ୍କ ରାମ ଚରିତ ମାନସ ହିନ୍ଦୀ ସାହିତ୍ୟର ଉଜ୍ଜ୍ୱଳ ରତ୍ନ। ଶ୍ରୀରାମଙ୍କ ଚରିତଗ୍ରନ୍ଥ ଭାବରେ ଏହାର ଲୋକପ୍ରିୟତା ମଧ୍ୟ ପ୍ରଚୁର। କବି ଭୂଷଣ ସ୍ୱପ୍ନେଶ୍ୱର ଦାଶ ଏହାର ସରଳ ଓଡ଼ିଆ ପଦ୍ୟାନୁବାଦ କରିଛନ୍ତି। ତାହାର 'ବାଳକାଣ୍ଡ'ରେ ବର୍ଣ୍ଣିତ ହୋଇଛି 'ରାମଜନ୍ମ ଓ ବାଳଲୀଳା' ପ୍ରସଙ୍ଗ। ସେଥିରେ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନଙ୍କ ନାମକରଣ ସଂପର୍କରେ ତାତ୍ପର୍ଯ୍ୟପୂର୍ଣ୍ଣ ବର୍ଣ୍ଣନା ଅଛି। ବଶିଷ୍ଠମୁନିଙ୍କ ପରାମର୍ଶରେ ଅଯୋଧ୍ୟାର ରାଜା ଦଶରଥ ଋଷ୍ୟଶୃଙ୍ଗ ଋଷିଙ୍କୁ ଅଣାଇ ଏକ ପୁତ୍ରେଷ୍ଟି ଯଜ୍ଞ କରିଥିଲେ ଏବଂ ସେହି ଯଜ୍ଞର ଚରୁ ସେବନ କରି ତାଙ୍କର ତିନି ରାଣୀଙ୍କ ଗର୍ଭରୁ ଚାରି ପୁତ୍ର ସନ୍ତାନ ଜନ୍ମ ଗ୍ରହଣ କରିଥିଲେ। ତାହା ସମଗ୍ର ଅଯୋଧ୍ୟାବାସୀଙ୍କୁ ଆନନ୍ଦିତ କରିଥିଲା। ତୁଳସୀ ରାମାୟଣର ବର୍ଣ୍ଣନା ଅନୁସାରେ ମଧୁ ମାସ (ଚୈତ୍ର) ଶୁକ୍ଳପକ୍ଷ ନବମୀ, ଅଭିଜିତ ନକ୍ଷତ୍ରରେ ଜନ୍ମଗ୍ରହଣ କରିଥିଲେ ଶ୍ରୀରାମ। ତାଙ୍କର ଜନ୍ମ ସମୟ ଥିଲା ମଧ୍ୟାହ୍ନ। ସେତେବେଳେ ପ୍ରବଳ ଶୀତ ବା ପ୍ରଚଣ୍ଡ ଖରା ନଥିଲା। ମୃଦୁ ସୁଶୀତଳ ମଳୟ ପବନ ବହୁଥିଲା। ଜନ୍ମ ପରେ ଶ୍ରୀରାମ ଚତୁର୍ଭୁଜ ରୂପରେ ଆବିର୍ଭୂତ ହୋଇଥିଲେ। ମାତା କୌଶଲ୍ୟା ହାତ ଯୋଡ଼ି ତାଙ୍କୁ ସ୍ତୁତି ମଧ୍ୟ କରିଥିଲେ। କିନ୍ତୁ ତାପରେ ମାତା ତାଙ୍କୁ ଅନୁରୋଧ କରିଥିଲେ 'ଏ ରୂପ ଛାଡ଼ି ବାଲ୍ୟଲୀଳା କଲେ ମୋର ଅପାର ସୁଖ ଜାତ ହେବ।' ତାହା ଶୁଣି ମାୟାଧର ବିଷ୍ଣୁ ନିଜର ସେହି ରୂପ ଛାଡ଼ି ବାଲ୍ୟରୂପ ଧାରଣ କରିଥିଲେ। ତାହାପରେ ବଶିଷ୍ଠ ମୁନି ରାମ ଓ ଅନ୍ୟ ତିନିଭାଇଙ୍କର ନାମକରଣ କରିଥିଲେ। ସେହି ନାମକରଣ ସମୟରେ ସେ କହିଥିଲେ ପାଟରାଣୀ କୌଶଲ୍ୟାଙ୍କର ଏ ପୁତ୍ର ଆନନ୍ଦ-ସରିତ-ପତି ବା ଆନନ୍ଦର ସମୁଦ୍ର। ଏହାଙ୍କର କୃପା ରୂପକ ଜଳକଣାରେ ତ୍ରିଲୋକବାସୀ ସୁଖୀ ହେବେ। ଏହାଙ୍କର ନାମ ଅଖିଳ ବିଶ୍ୱର ଲୋକଙ୍କୁ ଆରାମ ଦେବ ଏବଂ ତାଙ୍କର ସର୍ବ ସୁଖର ଧାମ ହେବ। ଏଣୁ ଏହାଙ୍କର ନାମ 'ରାମ'। ସେହିପରି ଅନ୍ୟ ତିନିପୁତ୍ରଙ୍କ ମଧ୍ୟରୁ କୈକେୟୀଙ୍କ ପୁତ୍ରର ନାମକରଣ କରି ସେ କହିଥିଲେ - ଏ ପୁତ୍ର ବିଶ୍ୱର ଭରଣପୋଷଣ କରିବ। ଏଣୁ ଏହାଙ୍କର ନାମ 'ଭରତ'। ଶେଷରେ କନିଷ୍ଠା ରାଣୀ ସୁମିତ୍ରାଙ୍କର ଦୁଇ ଯାଆଁଳା ପୁତ୍ରଙ୍କ ମଧ୍ୟରୁ ପ୍ରଥମର ନାମକରଣ କରି ସେ କହିଥିଲେ- ଏହାଙ୍କର ନାମ ସ୍ମରଣ ମାତ୍ରେ ଶତ୍ରୁକୁଳ ନାଶ ହେବ। ଏଣୁ ଏହାଙ୍କର ନାମ 'ଶତ୍ରୁଘ୍ନ'। ଶେଷରେ ସୁମିତ୍ରାଙ୍କର ଅନ୍ୟ ପୁତ୍ରର ନାମକରଣ କରି ସେ କହିଥିଲେ, ରାମପ୍ରିୟ ଏ ପୁତ୍ର ଜଗତ ଅଧାରଭୂତ ସର୍ବସୁଲକ୍ଷଣ ସଂପନ୍ନ ହେବ ଏଣୁ ଏହାଙ୍କର ନାମ ଲକ୍ଷ୍ମଣ। ଏହିପରି ଭାବରେ ବଶିଷ୍ଠ ମୁନି ଦଶରଥଙ୍କର ଚାରିପୁତ୍ରଙ୍କ ନାମକରଣ, ସେମାନଙ୍କର ଗୁଣ ଅନୁରୂପେ କରିଥିଲେ। ଶ୍ରୀମଭାଗବତ ମହାପୁରାଣ (୧୧/୧୬/୨୯)ରେ ସ୍ୱୟଂ ପରମପୁରୁଷ ଭଗବାନ ନିଜକୁ କିମ୍ପୁରୁଷମାନଙ୍କ ମଧ୍ୟରେ ହନୁମାନ ବୋଲି ଘୋଷଣା କରିଛନ୍ତି - 'ବାୟୁଦେବୋ ଭଗବତାଂ ତ୍ୱଂ ତୁ ଭାଗବତେଷ୍ୱହମ୍। କିମ୍ପୁରୁଷାଣାଂ ହନୁମାନ ବିଦ୍ୟାଧ୍ରାଣାଂ ସୁଦର୍ଶନଃ।।' ଅର୍ଥାତ୍ ମୁଁ ଷଡ଼ୈଶ୍ୱର୍ଯ୍ୟଶାଳିଙ୍କ ମଧ୍ୟରେ ବାସୁଦେବ, ପ୍ରେମୀ ଭକ୍ତଙ୍କ ମଧ୍ୟରେ ଉଦ୍ଧବ, ପୁରୁଷେତରମାନଙ୍କ ମଧ୍ୟରେ ହନୁମାନ ଓ ବିଦ୍ୟାଧର ମାନଙ୍କ ମଧ୍ୟରେ ନନ୍ଦଙ୍କ ଚରଣସ୍ପର୍ଶକାରୀ ସୁଦର୍ଶନ। ଏଥିରୁ ଭଗବାନ ଓ ହନୁମାନ ଏକ ଓ ଅଭିନ୍ନ ବୋଲି ପ୍ରମାଣିତ। ଭକ୍ତ ଓ ଭଗବାନଙ୍କର ଏକତ୍ୱ ସତ୍ତ୍ୱେ ସେମାନଙ୍କର ଦ୍ୱୈତ ଲୀଳା ଅତିବ ହୃଦୟଗ୍ରାହୀ, ଶିକ୍ଷଣୀୟ। ଆନନ୍ଦରାମାୟଣ ଉଲ୍ଲେଖ ଅଛି - 'ଯତ୍ର ଯତ୍ର ରଘୁନାଥକୀର୍ତ୍ତନଂ ତତ୍ର ତତ୍ର କୃତମସ୍ତକାଞ୍ଜଳିମ୍। ବାଷ୍ପବାରିପରି ପୂର୍ଣ୍ଣଲୋଚନଂ ମାରୁତିଂ ନମତ ରାକ୍ଷସାନ୍ତକମ୍।।' ବାଲ୍ମୀକି ରାମାୟଣ (୭/୪୦/୨୩)ରେ ରାମଚନ୍ଦ୍ରଙ୍କ ପ୍ରଶଂସାବାଣୀ ଅତୀବ ଭାବାତ୍ମକ। ଯଥା 'ଏକୈକସ୍ୟୋପକାରସ୍ୟ ପ୍ରାଣାନ୍ ଦାସ୍ୟାମି ତେ କପେ। ଶେଷସ୍ୟେହୋପକାରାଣାଂ ଭବାମ ଋଣିନୋ ବୟମ୍।' ଅର୍ଥାତ୍ ହେ କପି ହନୁମାନ! ତୁମେ ଯେତେ ସବୁ ଉପକାର କରିଛ ସେଥିମଧ୍ୟରୁ ଗୋଟିଏ ଗୋଟିଏ ପାଇଁ ପ୍ରତ୍ୟୁପକାରରେ ମୁଁ ପ୍ରାଣ ସମର୍ପଣ କରିପାରିବି। ମାତ୍ର ତା ପରେ ବି ତୁମ ଉପକାରର ଶେଷ ନଥିବାରୁ ମୁଁ ଚିରକାଳ ଋଣୀ ରହିଯିବି। ଅସରନ୍ତି ଏହି ରାମ ହନୁମାନ କଥାବସ୍ତୁ। ସମର୍ଥ ଭଗବାନ ଓ ସମ୍ପନ୍ନ ଭକ୍ତ ଭାବରେ ଯୁଗେ ଯୁଗେ ପୁରୁଷୋତ୍ତମ ଶ୍ରୀରାମ ଏବଂ ଭକ୍ତରାଜ ଶ୍ରୀହନୁମାନ ଚିରନମସ୍ୟ।



## ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ବିଶ୍ୱନାଟ୍ୟ ଦିବସ ପାଳିତ

ଯାଜପୁର (ପିଏନ୍): ଯାଜପୁର ଅଗ୍ରଣୀ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର ବିଶ୍ୱ ନାଟ୍ୟ ଦିବସ ଅବସରରେ ସାମାଜରେ କିଭଳି କଳା ସଂସ୍କୃତି ବଞ୍ଚି ରହିବ ବାର୍ତ୍ତାବହକ କ୍ଷୁଦ୍ର ନାଟକ "ଜରୁରୀ" ମଞ୍ଚସ୍ଥ ହୋଇଯାଇଛି। ଅନ୍ୱେଷଣ ଥିଏଟର ଗ୍ରୁପ ସବୁବେଳେ ସବୁ ସମୟରେ ସମାଜକୁ ଶିକ୍ଷା ଦେଲାଭଳି କଳାକାରମାନଙ୍କ ଦ୍ୱାରା ନାଟକ ଲୋକ ମାନଙ୍କ ଆଦୃତ ହୋଇ ଆସୁଅଛି। ଅନ୍ୱେଷଣ ସବୁବେଳେ ଯାଜପୁର ନୁହେଁ ସାରା ଓଡ଼ିଶାର ତାହାର କଳାକାରମାନେ ନାଟକ ମାଧ୍ୟମରେ ବିକଶିତ କରିଆସୁଅଛନ୍ତି। ଗତ ମାସ ୨୭ ତାରିଖ ରବିବାର ଅନୁଷ୍ଠାନର କଳାମାନେ ଯାଜପୁରର ସର୍ବପୁରାତନ ବାରୁଣୀ ଘାଟ ଠାରେ ଏକତ୍ରିତ ହୋଇ ଛୋଟ ଛୋଟ ପିଲାମାନଙ୍କୁ ମିଷ୍ଟାନ ବଣ୍ଟନ କରିବା ସହ ପବିତ୍ର ବାରୁଣୀ ଘାଟକୁ ସଫେଇ କରିଥିଲେ। ତାହାପରେ କଳାକାରମାନେ ସୁ-ସଜ୍ଜିତ ହୋଇ କଳା ସଂସ୍କୃତି କିଭଳି ବଂଚି ରହିବ ତାହା ଉପରେ ଆଧାରିତ କ୍ଷୁଦ୍ର ନାଟକ 'ଜରୁରୀ' ପରିବେଷଣ କରାଯାଇଥିଲା। ଏହି ନାଟକଟି ଯାଜପୁରର ଦର୍ଶକଙ୍କ ଖୁବ୍ ମନୋମୁଗ୍ଧକର ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ରଙ୍କ ତତ୍ୱାବଧାନରେ ମୁଖ୍ୟ ଉପଦେଷ୍ଟା ପଣ୍ଡିତ ଭୂପତିଭୂଷଣ ମିଶ୍ର, ଯାଜପୁର ଥାନାର ଆଇଆଇସି ଅଜୟ କୁମାର ଜେନା, ଯାଜପୁର ଉପକାରାଗାରର ଜେଲର ପ୍ରସନ୍ନ କୁମାର ସାହୁ, ସମାଜ ସେବୀ ରବିନ୍ଦ୍ର କୁମାର ପରିଡ଼ା ଯୋଗଦେଇ ଅନୁଷ୍ଠାନ ଏହିପରି ନିଆରା କାର୍ଯ୍ୟକ୍ରମକୁ ଭୂୟସି ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଶନ୍ନ କୁମାର ବିଶ୍ୱାଳ, ଉପ-ସଭାପତି ଉପେନ୍ଦ୍ର କୁମାର ଯେନା, ମିଡିଆ ସେଲ୍ ଅଧ୍ୟକ୍ଷ ସୁରେଶ କୁମାର କର, ମୃତ୍ୟୁଞ୍ଜୟ ସାହୁ, ସେକ୍ ସାଜିଦ୍ (ଋନ୍ଦ ବାବୁ), ଆଦିକନ୍ଦ ପଣ୍ଡା, ଗୌତମ ବିକାଶ ମହାନ୍ତି, ଗୋପାଳ ଚନ୍ଦ୍ର ବେହେରା, ଭରତ ଚନ୍ଦ୍ର ହେହେରା, ରତିକାନ୍ତ ସାହୁ, ଧନଞ୍ଜୟ ନାୟକ, ସୁରଜ ପଣ୍ଡା, ମୁକୁନ୍ଦ ନାୟକ, ଅଚ୍ୟୁତାନନ୍ଦ ସ୍ୱାଇଁ, ଜିତେନ୍ଦ୍ର ସାହୁ, ବିଜୟ ମହାରଣା, କାହ୍ନୁ ଚରଣ ପତି (ସଂଗୀତଜ୍ଞ), ସନ୍ତୋଷ କୁମାର ରାଉତ, ଇଚ୍ଛାମୟୀ ଧଳ, ମମତାରାଣୀ ଯେନା, ସ୍ୱାତୀ ପଣ୍ଡା, ସାଗରିକା ପରିଡ଼ା, ମାମାଲି ସାହୁ, ପଲ୍ଲବି ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ମିଶ୍ର, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଆଗାମୀ ଦିନରେ ନାଟକ ମାଧ୍ୟମରେ ଲୋକମାନଙ୍କୁ ସଚେତନତା କରାଇବା ପାଇଁ ସମସ୍ତ ସଦସ୍ୟ ସଦସ୍ୟାମାନଙ୍କୁ ନାଟ୍ୟ ଦିବସରେ ଶପଥ ନେଇଥିଲେ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ।

# ଜିଲ୍ଲାସ୍ତରୀୟ ଏକଦିବସୀୟ ଗ୍ରୀଷ୍ମପ୍ରବାହ ପରିଚାଳନା ତାଲିମ କର୍ମଶାଳା

ବାଲେଶ୍ୱର (ପିଏନ୍)-ଗ୍ରୀଷ୍ମର ପ୍ରକୋପ ଏବେ ଧୀରେ ଧୀରେ ବଢି ଚାଲିଥିବା ବେଳେ ଗ୍ରୀଷ୍ମପ୍ରବାହର ଉପଯୁକ୍ତ ମୁକାବିଲା ଓ ପରିଚାଳନା ନିମନ୍ତେ ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କ ସହାୟତାରେ ଏକ ଜିଲ୍ଲାସ୍ତରୀୟ ଏକଦିବସୀୟ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦେବ, ଆଇଏଏସ ପ୍ରୋବେସନର ଶ୍ରୀ କୁନାଲ ଚୌହାନ ପ୍ରମୁଖ ମଂଚାସୀନ ଥିବା ବେଳେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଗ୍ରଷ୍ମପ୍ରବାହ ପରିଚାଳନା ସମ୍ପର୍କରେ ତାଲିମ୍ ଗ୍ରହଣ କରିଥିଲେ । ଗୋଟିଏ ସ୍ଥାନର ସାଧାରଣ ତାପମାତ୍ରା ଠାରୁ ଯଦି କୌଣସି ଦିନ ୪.୫ ରୁ ୬ଡିଗ୍ରୀ ଅଧିକ ତାପମାତ୍ରା



ରୁହେ କିମ୍ବା ୪୫ ଡିଗ୍ରୀ ସେଲସିୟସ୍ ଉପରେ ତାପମାତ୍ରା ରୁହେ, ତେବେ ଆମେ ତାହାକୁ ଗ୍ରୀଷ୍ମ ପ୍ରବାହ ବୋଲି କହିଥାଉ । ଗ୍ରୀଷ୍ମ ପ୍ରବାହ ଯୋଗୁଁ ମନୁଷ୍ୟ ଶରୀରରେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବା ସହିତ ଗୃହପାଳିତ ପଶୁ ଏବଂ ଚାଷବାସ ଉପରେ ମଧ୍ୟ ଏହାର କୁପ୍ରଭାବ ପଡିଥାଏ । ଅଂଶୁଘାତରେ ଜୀବନହାନୀ ମଧ୍ୟ ହୋଇଥାଏ । ତେଣୁ ଏହାର ସଠିକ୍ ମୁକାବିଲା ଏବଂ ଅଂଶୁଘାତରୁ ରକ୍ଷାପାଇବାର ଉପାୟ ସମ୍ପର୍କରେ ଏହି କର୍ମଶାଳାରେ ଅଧିକାରୀମାନଙ୍କୁ ବିସ୍ତୃତ ଭାବେ ବୁଝାଯାଇଥିଲା । ବୈଠକରେ ଉପସ୍ଥିତ ତହସିଲଦାର, ବିଡିଓ, ଜିଲ୍ଲା ଶିକ୍ଷାଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ସମଗ୍ର ଜିଲ୍ଲାରେ ଯଥେଷ୍ଟ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଥିଲା । ସେହିପରି ଗ୍ରୀଷ୍ମପ୍ରବାହ ମୁକାବିଲା ସମ୍ପର୍କରେ ସୂଚନା ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଓସଡାମା'ର "ସତର୍କ" ଆପ୍ ସମ୍ବନ୍ଧରେ କିଭଳି ଅଧିକରୁ ଅଧିକ ଲୋକ ଜାଣିପାରିବେ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା । ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମ ସହ ସାମାଜିକ ଗଣମାଧ୍ୟମରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଏହି ଶିବିରରେ ଗୁରୁତ୍ୱାରୋପ କରାଯାଇଥିଲା । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାର ବିଭିନ୍ନ ଅଂଚଳରେ ବଂଟନ ହେବାକୁ ପେନସନ୍ ଓ ଭିନ୍ନକ୍ଷମ ସହାୟକ ଉପକରଣ ପାଇଁ ସମୟ ସାରଣୀରେ ପରିବର୍ତନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜଳାଭାବ ଉପରେ ସତର୍କ ଦୃଷ୍ଟି ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା । ପାନୀୟ ଜଳ ସମସ୍ୟା ପାଇଁ ଜାରି କରାଯାଇଥିବା ହେଲ୍ପ ଲାଇନ୍ ନମ୍ବର – ୧୯୧୬ ସମ୍ପର୍କରେ ଜିଲ୍ଲାର ସମସ୍ତ ଅଂଚଳର ଲୋକ ଓ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀମାନେ ଜାଣିପାରିବେ ସେ ନେଇ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେବେ । ପଶୁପକ୍ଷୀଙ୍କ ପାଇଁ ବିଭିନ୍ନ ଜାଗାରେ ବଡମୁହଁ ଥିବା ପାତ୍ର କିମ୍ବା ସେଭଳି ଆକୃତିର ଅନ୍ୟ କୌଣସି ପାତ୍ରରେ ପାନୀୟଜଳ ରଖାଯିବା ବ୍ୟବସ୍ଥା କରାଯିବ । ଅଂଶୁଘାତ ରୋଗୀଙ୍କ ଆଶୁ ଚିକିତ୍ସା ପାଇଁ ଜିଲ୍ଲାର ସମସ୍ତ ଚିକିତ୍ସାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ଓ ଅଂଶୁଘାତରେ ମୃତ୍ୟୁ କ୍ଷେତ୍ରରେ ମିଳିତ ତଦନ୍ତ ରିପୋର୍ଟ ନିଶ୍ଚିତ ଭାବେ ସମୟସୀମା ମଧ୍ୟରେ ଦାଖଲ ହେବ । ବିଦ୍ୟାଳୟମାନଙ୍କର ପାଣିଟାଙ୍କିକୁ ସଫା କରାଯିବା ସହିତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ଓଆରଏସ ପ୍ୟାକେଟ୍ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ଶ୍ରେଣୀ ସମୟ ପରିବର୍ତନ ସହିତ କୋଭିଡ୍ ଟିକାକରଣ ସମୟକୁ ମଧ୍ୟ ପରିବର୍ତନ କରିବାକୁ ଏଥିରେ କୁହାଯାଇଥିଲା । ଗ୍ରୀଷ୍ମ ଋତୁରେ କୌଣସିପ୍ରକାର ଆପାତକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଅଗ୍ନିଶମ ବିଭାଗକୁ ପ୍ରସ୍ତୁତ ରହିବେ । ଜିଲ୍ଲାର ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟର ରେକର୍ଡ ରୁମରେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିବାରୁ ସେଠାରେ ଯେପରି କୌଣସି କାରଣବଶତଃ ନିଆଁ ନ ଲାଗେ ସେଥିପ୍ରତି ସତର୍କ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏପରିକି ଅଗ୍ନିଶମ ବିଭାଗ ଦ୍ୱାରା ନିଜ ନିଜ କାର୍ଯ୍ୟାଳୟରେ ଆଗୁଆ ଅଗ୍ନି ସୁରକ୍ଷା ଅଡିଟ୍ କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ କହିଥିଲେ । ବାଲେଶ୍ୱର ସହର ମଧ୍ୟରେ ପ୍ରଚଣ୍ଡ ଖରାରେ ଟ୍ରାଫିକ୍ ପୋଲିସ୍ ସେମାନଙ୍କ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ସେମାନଙ୍କୁ ଛତା ଯୋଗାଇଦେବା ସହିତ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କୁ କୁହାଯାଇଥିଲା । ବାଟୋଇ ଓ ଯାତ୍ରୀମାନଙ୍କର ତୃଷା ନିବାରଣ ନିମନ୍ତେ ପାନୀୟ ଜଳ ସେବା କେନ୍ଦ୍ର ସ୍ଥାପନ ହେବାକୁ ଥିବା ବେଳେ ଆବଶ୍ୟକତା ଅନୁଯାୟୀ ଏହା ସ୍ଥାପନ କରିବା ଏବଂ ଏହାର ସୁପରିଚାଳନା ସହିତ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା । ସେହିପରି ଦିନ ୧୧ଟାରୁ ୩ଟା ମଧ୍ୟରେ ଶ୍ରମିକମାନଙ୍କୁ ପ୍ରଚଣ୍ଡ ଖରାରେ କାମ କରିବା ପାଇଁ ବାରଣ କରାଯିବ । ଅଂଶୁଘାତରୁ ରକ୍ଷା ପାଇଁ କଣ କରିବା ଏବଂ କଣ ନ କରିବା ସେ ସମ୍ପର୍କରେ ଅଧିକାରୀମାନଙ୍କୁ ବିଶେଷ ଭାବେ ଏହି ତାଲିମ ଶିବିରରେ ବୁଝାଯାଇଥିଲା ଏବଂ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ କୁହାଯାଇଥିଲା । ବିଦ୍ୟୁତ୍ କାଟ ଓ ଲୋ ଭୋଲଟେଜ୍ ଜନିତ ସମସ୍ୟା ଏବଂ ଯାତ୍ରୀ ପରିବହନ ପାଇଁ ସମୟ ନିର୍ଦ୍ଧାରଣ ସମ୍ପର୍କରେ ମଧ୍ୟ ଏହି କର୍ମଶାଳାରେ ଆଲୋଚନା ହୋଇଥିଲା । ତାଲିମ୍ କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ପ୍ରକଳ୍ପ ଅଧିକାରୀ ଶ୍ରୀ ଅବନୀକାନ୍ତ ଭୂୟାଁ ପ୍ରୋଜେକ୍ଟର ମାଧ୍ୟମରେ ଗ୍ରୀଷ୍ମପ୍ରବାହ ଓ ଏହାର ପ୍ରଭାବ ଉପରେ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବ୍ ଗ୍ରୀଷ୍ମପ୍ରବାହ ମୁକାବିଲା ଆକ୍ସନ ପ୍ଲାନ୍ ଉପରେ ଆଲୋକପାତ କରିଥିଲେ । ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏପିଡେମୋଲୋଜିଷ୍ଟ ଡା. ଅରୂପ ଦାସ ଗ୍ରୀଷ୍ମ ପ୍ରବାହ ଜନିତ ମାନସିକ ଓ ଶାରୀରିକ ଚାପ ପରିଚାଳନା ଉପରେ ତଥ୍ୟଭିତିକ ରିପୋର୍ଟ ଉପସ୍ଥାପନ ସହ ମୂଲ୍ୟବାନ୍ ପରାମର୍ଶ ପ୍ରଦାନ କରିଥିଲେ । ୟୁନିସେଫ ଜିଲ୍ଲା ସଂଯୋଜକ ଶ୍ରୀ ପ୍ରଦୀପ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଡ. ପଦ୍ମଜ ପାଳଙ୍କ ଉପନ୍ୟାସ 'ବି. ରାଓ୍ୱତ୍ ରିପୋର୍ଟ' ଲୋକାର୍ପିତ, ଗାଳ୍ପିକ ବିଭୂ ହୋତାଙ୍କୁ ପ୍ରଥମ 'ପଦ୍ମଜ କଥା ସମ୍ମାନ'

ଖୋର୍ଦ୍ଧା (ପିଏନ୍): ଯଶସ୍ୱୀ କଥାକାର ତଥା ଔପନ୍ୟାସିକ ଡ. ପଦ୍ମଜ ପାଳଙ୍କ ୭୬ ତମ ଜନ୍ମଦିନ ଅବସରରେ 'ବି. ରାଓ୍ୱତ୍ ରିପୋର୍ଟ' ନାମକ ଉପନ୍ୟାସ ଉନ୍ମୋଚିତ ହୋଇଯାଇଛି। ଚର୍ଯ୍ୟାୟୁଧ ପକ୍ଷରୁ ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସମେତ ଗାଳ୍ପିକ ଡ. ସୁରେଶ ଛୋଟରାୟ, ଡ. ନଟବର ସାହୁ, ଅଣୁଗଳ୍ପର ସ୍ରଷ୍ଟା ସୁନୀଲ ବୋଷ, ଜ୍ଞାନରଂଜନ ଦାଶ, ଆଶିଷ ରାୟ, ଶୁଭ୍ରାଂଶୁ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଡ. ପାଳଙ୍କ ସଦ୍ୟପ୍ରକାଶିତ ଉପନ୍ୟାସର ସଫଳତା କାମନା କରିବା ତାଙ୍କର କାଳଜୟୀ ସୃଷ୍ଟି ଓ ଜୀବନଦର୍ଶନ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଯୁବ ଗାଳ୍ପିକ ବିଭୂ ହୋତାଙ୍କୁ ପ୍ରଥମ ଥର ପାଇଁ 'ପଦ୍ମଜ କଥା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ମାନପତ୍ର, ଉପଢୌକନ ସହ ୧୦ହଜାର ଅର୍ଥରାଶି ତାଂକୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ 'ଚର୍ଯ୍ୟାୟୁଧ'ର ସମ୍ପାଦିକା ସବିତା ପାଳ ସୂଚନା ଦେଇଥିଲେ ଯେ, ପ୍ରତିବର୍ଷ ଡ. ପାଳଙ୍କ ଜନ୍ମଦିନ ଅବସରରେ ଏହି ସମ୍ମାନ ଜଣେ ନିଷ୍ଠାବାନ ସାହିତ୍ୟିକଙ୍କୁ ପ୍ରଦାନ କରାଯିବ। ଡ. କୈଳାସ ଚନ୍ଦ୍ର ମହାରଣା ଓ ଗାଳ୍ପିକ ତପନ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. ପାଳ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ପ୍ରତ୍ୟେକ ମଣିଷକୁ ଭଲ ପାଇବା ଓ ଜୀବନକୁ ବୁଝିବା ହେଉଛି ସାହିତ୍ୟିକର ଧର୍ମ। ଶେଷରେ କବୟିତ୍ରୀ ପ୍ରିୟଦର୍ଶିନୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ପଖାଳ ଦିବସ

ଖୋର୍ଦ୍ଧା (ପିଏନ୍): ପଖାଳ ହେଉଛି ଓଡ଼ିଆ ଅସ୍ମିତାର ପରିଚାୟକ। ଏହା ସ୍ୱାସ୍ଥ୍ୟ ପାଇଁ ହିତକର। କରୋନା ସମୟରେ ପଖାଳର ରୋଗପ୍ରତିରୋଧକ ଶକ୍ତି ସଂପର୍କରେ ଚର୍ଚ୍ଚା ହୋଇଥିଲା ବୋଲି ପଖାଳ ଦିବସ ପାଳନ ଅବସରରେ ମତପ୍ରକାଶ ପାଇଛି। ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ପରିସରରେ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ସୁଜିତ୍ କୁମାର ବିଷୋୟୀ, ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ମହାରଣା, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ସଂପାଦକ ସୁଧୀର କୁମାର ମାନସିଂହ ଓ ମହିଳା ଜାଗରଣ ସଂଗଠିକା ରଶ୍ମୀରେଖା ମହାପାତ୍ର ପ୍ରମୁଖ ଯୋଗଦେଇ କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପଖାଳ ଭୋଗ ହେବାର ବ୍ୟବସ୍ଥା ରହିଛି। ଓଡ଼ିଆ ପଖାଳ ଖାଇ ପୁରୀ, କୋଣାର୍କ ମନ୍ଦିର ଗଢିଛି। ପଖାଳ ଏବେ ବିଶ୍ୱସ୍ତରରେ ପରିଚିତ ହେଉଛି। ସଭା ପରେ ପଖାଳ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିମାନଙ୍କ ସମେତ ଆଇନ ମହାବିଦ୍ୟାଳୟର ଅନ୍ତେବାସିନୀ ଛାତ୍ରୀମାନଙ୍କୁ ଦହି ପଖାଳ, ଭଜା, ଶାଗ, ପାମ୍ପଡ଼, ଶୁଖୁଆ, ଖଟା ଆଦି ପରିବେଷଣ କରାଯାଇଥିଲା। ପଖାଳ ଖାଇବା ପାଇଁ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ସମ୍ପାଦିକା ଇତିଶ୍ରୀ ସାହୁ ମହାବିଦ୍ୟାଳୟ ହଷ୍ଟେଲରୁ ୪୦ଟି ବେଲା ଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ତାରାପ୍ରସାଦ ବଡ଼ଜେନା, ସୁପ୍ରିୟା ବେହେରା, ଉର୍ମିଳା ପରିଡ଼ା, ଜ୍ୟୋତିରଂଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବାରଣାସୀ ଉଚ୍ଚ ବିଦ୍ୟାଳୟରେ ୫୭୫ ଛାତ୍ରଛାତ୍ରୀ ଭୋଟ ଦେଲେ

ପାରଳାଖେମୁଣ୍ଡି,(ପି.ଏନ): ବାରଣାସୀ ଉଚ୍ଚ ବିଦ୍ୟାଳୟ, କାଶିନଗର ଠାରେ ଆଜି କ୍ୟାବିନେଟ ନିର୍ବାଚ଼ନ ଅନୁଷ୍ଠିତ ହୋଇଛି , ଯେଉଁଥିରେ ବିଦ୍ୟାଳୟର ୫୭୫ ଛାତ୍ରଛାତ୍ରୀ ନିଜ ଇଚ୍ଛା ମୁତାବକ ସ୍କୁଲ କ୍ୟାପଟେନ ଏବଂ ଉପ କ୍ୟାପଟେନକୁ ଭୋଟ ଦେଇ ବିଦ୍ୟାଳୟ ମଧ୍ୟରେ ହେଉଥିବା ନିର୍ବାଚ଼ନ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ କରି ପ୍ରତିନିଧି ମାନଙ୍କୁ ନିର୍ବାଚ଼ନ କରିବେ. ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗୀରଥି ବେହେରାଙ୍କୁ ଆମ ପ୍ରତିନିଧି ସାକ୍ଷାତ କରି ଏହି ନିର୍ବାଚ଼ନ ବିଷୟରେ ବୁଝିବାରୁ ସେ କହିଲେ ଯେ, ବିଦ୍ୟାଳୟ ମଧ୍ୟରେ ନେତୃତ୍ୱ ଓ ପ୍ରତିନିଧିତ୍ୱ ର ଗୁଣ ବିକାଶ ଏବଂ ଇତିହାସ ବହିରୁ ଭାରତୀୟ ନିର୍ବାଚ଼ନ ସମ୍ବନ୍ଧୀୟ ଜ୍ଞାନକୁ ଅଧିକ କ୍ରିୟାଶୀଳ କରି ଏହାକୁ ପ୍ରମାଣିତ କରିବା ପାଇଁ ପ୍ରତିବର୍ଷ ବିଦ୍ୟାଳୟ ମାନଙ୍କରେ ସ୍କୁଲ କ୍ୟାବିନେଟ ଓ ମୀନା ମଞ୍ଚ ପ୍ରସ୍ତୁତ ହୁଏ ବୋଲି ସୂଚ଼ନା ଦେଇଥିଲେ । ଏହି ବର୍ଷ ବିଦ୍ୟାଳୟ ର ସବୁ ଶ୍ରେଣୀ ନିମନ୍ତେ ମନିଟର ମନୋନୀତ ସରିବା ପରେ,ପିଲାମାନେ ଆଗ୍ରହ କରିଥିଲେ ଯେ, ସ୍କୁଲ କ୍ୟାପଟେନ ଏବଂ ଉପ କ୍ୟାପଟେନ ପାଇଁ ଭୋଟ ଦ୍ୱାରା ବଛାଯାଉ । ତେଣୁ ସାମାଜିକ ବିଜ୍ଞାନ ଶିକ୍ଷକ ମାନଙ୍କ ଦ୍ୱାରା ଆୟୋଜିତ ନାମାଙ୍କନ, ପ୍ରତ୍ୟାହାର ଓ ପ୍ରଚ଼ାର ପରେ ଆଜି ନିର୍ବାଚ଼ନ ହୋଇଥିଲା. ସ୍କୁଲ କ୍ୟାପଟେନ ପାଇଁ ଦଶମ ଶ୍ରେଣୀରୁ ରବି ଶବର , ଏମ ସତ୍ୟମ, ପି ପବିତ୍ରା , ରୂପମଞ୍ଜରୀ ପାତ୍ର ଏହି ପାରି ଚ଼ାରିଜଣ ପ୍ରତିନିଧିତ୍ୱ କରିଥିଲା ବେଳେ ଉପ କ୍ୟାପଟେନ ପାଇଁ ନବମ ଶ୍ରେଣୀରୁ ଟି. ଗଣେଶ , ପି.ରାଘବ , କେ.ସାଗର , ଅର୍ପିତା ଭୂୟାଁ , ଜୟସ୍ମିତା ଜେନା ପଞ୍ଚ ଜଣ ଛାତ୍ରଛାତ୍ରୀ ପ୍ରତିନିଧିତ୍ୱ କରିଥିଲେ । ସ୍କୁଲ ନିର୍ବାଚ଼ନ ଅଫିସର ଶିକ୍ଷୟିତ୍ରୀ ନାଗମଣି ଲବେଟିଙ୍କ ଅନୁସାରେ ୨୦ ତାରିଖ ଦିନ ଭୋଟ ଗଣତି ଏବଂ ୨୨ ତାରିଖ ଦିନ ପରିଣାମ ଘୋଷଣା ହେବ । ଭାରତୀୟ ନିର୍ବାଚ଼ନ ପ୍ରକ୍ରିୟା ସମ୍ବନ୍ଧରେ ଜ୍ଞାନ ଯୋଗେଇବାର ଏହା ଏକ ପ୍ରକାର ସଫଳ ପ୍ରୟୋଗ ଯାହା ଦ୍ୱାରା ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଥିବା ଲୁକ୍କାୟିତ ଯୁବ ରାଜନୈତିକ ପ୍ରତିଭାର ବିକାଶ ହୋଇପାରିବ. ଏହି ନିର୍ବାଚ଼ନ ପ୍ରକ୍ରିୟା ଆୟୋଜନକରିବା ପାଇଁ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିବା ସହ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନ ରେ ଅନୁଷ୍ଠିତ ହୋଇଥିଲା. ବିଦ୍ୟାଳୟ ପରିସରରେ ନିର୍ବାଚ଼ନ କରିବା ଦ୍ୱାରା ଆଞ୍ଚଳିର ବହୁ ବୁଦ୍ଧିଜୀବୀ ଓ ଅଭିଭାବକ ମାନେ ବିଦ୍ୟାଳୟ ତରଫରୁ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଛନ୍ତି ।

# ଫିରିଙ୍ଗିଆଠାରେ କିନ୍ନର ମାନଙ୍କର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ

କନ୍ଧମାଳ,(ପିଏନ)– କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଉନ୍ନିତ ଉଚ୍ଚବିଦ୍ୟାଳୟ ଖେଳପଡିଆ ଠାରେ କନ୍ଧମାଳ ଜିଲ୍ଲା କିନ୍ନର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁର୍ଗିମାତା କିନ୍ନର ସଂଘ ଫିରିଙ୍ଗିଆ ଶାଖା ଅନୁକ୍ୟଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ସଂଘ ର ସଭାପତି ମୁନି କିନ୍ନର ସଭାପତିତ୍ୱ କରିଥିବା ବେଳେ କନ୍ଧମାଳ ଜିଲ୍ଲା ରାଇକିଆ ର କିନ୍ନର ମାନଙ୍କ ଗୁରୁ ସଂଧ୍ୟାରାଣୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସାମାଜିକ ଦୁରତା ବଜାୟ ରଖି କୋଭିଡ ନିୟମ ଅନୁସାରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଘୁ.ଉଦୟଗିରି ରୁ ଝୁମୁକା ନାୟକ ,ବାଲିଗୁଡାରୁ ବିଷ୍ଣୁପ୍ରିୟା ପ୍ରଧାନ ,ତୁମୁଡିବନ୍ଧ ବ୍ଲକରୁ ସୁମନ ବାରିକ , ରାଇକିଆରୁ ଲିପସା କିନ୍ନର ,ଫୁଲବାଣୀରୁ ପାୟଲ କିନ୍ନର ,କ.ନୁଆଁଗାଁରୁ ନିଲୁ ବିଶୋୟୀ,ଖଜୁରିପଡା ବ୍ଲକରୁ ଶିତଲ କିନ୍ନର , କୋଟଗଡରୁ ସଂନ୍ଧ୍ୟା କିନ୍ନରଙ୍କ ସହ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରୁ ଜଣେ ଲେଖାଏଁ ପ୍ରତିନିଧି ଯୋଗ ଦେଇଥିଲେ । ଫିରିଙ୍ଗିଆ କିନ୍ନର ସଂଘର ସମ୍ପାଦକ ରିଙ୍କି କିନ୍ନର ଓ ମନିସା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତେବେ କିନ୍ନର ମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏହା ସହ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଭତା ପ୍ରଦାନ, ଉଚ୍ଚ ଶିକ୍ଷିତ କିନ୍ନର ମାନଙ୍କୁ ସରକାରୀ ଚାକିରି ଦେବା କିନ୍ନର ମାନଙ୍କୁ ସ୍ୱାୟଂସହାୟକ ଗୋଷ୍ଠୀ ଗଠନ କରିବା ଦିଗରେ ରାଜ୍ୟସରକାର ପଧକ୍ଷେପ ନେବା ଜରୁରି ବୋଲି ବୈଠକରେ ଆଲୋଚନା ହୋଇଥିଲା। । ଅନ୍ୟପଟେ ଫିରିଙ୍ଗିଆ ଠାରେ କିନ୍ନର ମାନଙ୍କ ବୈଠକ ପାଇଁ ଏକ ବୈଠକ ଗୃହ ଓ କରୋନ କଟକଣା ପାଇଁ ଜୀବିକା ହରାଇଥିବା କିନ୍ନର ମାନେ କିପରି ସରକାରୀ ସହୟତା ପାଇବେ ସେହି ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ହୋଇଥିବା ସମସ୍ତ ପ୍ରସ୍ତାବକୁ ଜିଲ୍ଲାପାଳଙ୍କୁ ଜଣାଇବା ନେଇ ଆଲୋଚନା ହୋଇଥିଲା ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍‌ଆପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େଣ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍‌ଆପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େଣ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ରଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।

# ଗଜପତିରୁ ରାଜ୍ୟ ବାହାରକୁ ଚୋରାଚ଼ାଲାଣବେଳେ ୩୦ ଲକ୍ଷ ଟଙ୍କାର ଗଞ୍ଜେଇ ସହ ପିକ୍‌ଅପ୍ ଜବତ; ୨ ଗିରଫ

ପାରଳାଖେମୁଣ୍ଡି, (ପି.ଏନ): ଗଜପତି ଜିଲ୍ଲା ଅବକାରୀ ବିଭାଗ ଦ୍ୱାରା ୧୦ବସ୍ତା ଗଞ୍ଜେଇ ସମେତ ମ୍ୟାକ୍ସ ପିକଅପ୍ ଗାଡି ଜବତ କର ଯିବା ସହ ୨ଜଣକୁ ଗିରଫ କରାଯାଇଛି । ଗିରଫ ୨ଜଣ ମୋହ?ନା ଥାନା ଅନ୍ତର୍ଗତ କେଚ଼ାପଙ୍କା ଗ୍ରାମର ଜୁଏଲ ଶବର ଓ ଅନାମ ଗମାଙ୍ଗ ବୋଲି ପାରଳାଖେମୁଣ୍ଡି ଅବକାରୀ ଥାନା ତରଫରୁ ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡାଙ୍କୁ ସୂଚ଼ନା ପ୍ରଦାନ କରାଯାଇ କୁହାଯାଇଛିଯେ ଗୁରୁବାର ଭୋର ସମୟରେ ଅବକାରୀ ବିଭାଗର ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ରାୟଗଡ ଥାନା ଅନ୍ତର୍ଗତ ଜିରାଙ୍ଗ ଛକରେ ଏକ ମ୍ୟାକ୍ସ ପିକ୍ ?ଅପ ଗାଡିକୁ ସନ୍ଦେହଜନକ ଭାବେ କଇଁପୁର ରାସ୍ତାରେ ଦ୍ରୁତଗତିରେ ଯାଉଥିବା ଦେଖୁଥିଲେ । ପାଟ୍ରୋଲିଂ ଟିମ୍ଗଡିକୁ ଅଟକାଇ ଖାନତଲାସୀ କରିଥିଲେ ଏବଂ ସେଥିରୁ ୧୦ବସ୍ତା ଗଞ୍ଜେଇ ବାହାରିଥିଲା । ଘଟଣାସ୍ଥଳରୁ ଗାଡି ସହ ଗଞ୍ଜେଇକୁ ଜବତ କରିବା ସହ ଚୋରାଚ଼ାଲାଣ ଅଭିଯୋଗରେ ୨ଜଣକୁ ଗିରଫ କରାଯାଇଥିଲା । ଜବତ ହୋଇଥିବା ଗଞ୍ଜେଇର ଓଜନ ୩ ବିଣ୍ଟାଲ ଏବଂ ଆନୁମାନିକ ବଜାର ମୂଲ୍ୟ ୩୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱର ହେବ ବୋଲି କୁହାଯାଇଛି । ଜବତ ହୋଇଥିବା ଗଞ୍ଜାଇ ରାମଗିର ଅଞ୍ଚଳରୁ କଇଁପୁର ରାସ୍ତାଦେଇ ଜାତୀୟ ରାଜପଥକୁ ଯାଉଥିଲା ବୋଲି ପାରଳାଖେମୁଣ୍ଡି ଅବକାରୀ ଥାନା ଉପନିରୀକ୍ଷକ ଦୟାନିଧି ବାରିକ କହିଛନ୍ତି । ଏହି ଘଟଣାରେ ଗାଡିର ମାଲିକ ସମେତ ଅନ୍ୟ କିଛି ଲୋକ ସମ୍ପୃକ୍ତ ଅଛନ୍ତି । ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଶ୍ରୀ ବାରିକ କହିଛନ୍ତି ।

# ପ୍ରଧାନମନ୍ତ୍ରୀଙ୍କ ଯାଜପୁର ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ପ୍ରକଳ୍ପ ଘୋଷଣା କରିବାକୁ ଦାବି

ଭୁବନେଶ୍ୱର(ପି.ଏନ): ଆଗାମୀ ମାର୍ଚ୍ଚ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚଣ୍ଡିଖୋଲ ଗସ୍ତ ସମୟରେ ଯାଜପର ରୋଡ଼୍–ଧାମରା ରେଳପଥ ନିର୍ମାଣ ହରିଦାସପୁର କେନ୍ଦ୍ରାପଡ଼ା ପାରାଦ୍ୱିପ ପର୍ଯ୍ୟ' ପାସେର ଟ୍ରେନ୍ ଚାଲୁ କରିବା ଧାନମଣ୍ଡଳ ଠାରେ ଇଣ୍ଡିଆନ ଅଏଲ ତରଫରୁ ତୈଳ ବିଶୋଧନଗାର ସ୍ଥାପନ କରିବା । ଓଡ଼ିଶାର ୪୮୦ କି.ମି. ବ୍ୟାପ୍ତ ସମୁଦ୍ର ତଟ ଅଂଚଳରେ ହେ'ାଳ ବଣ ସହ ଉଚ୍ଚ ବନ୍ଧ ଓ ରାସ୍ତା ନିର୍ମାଣ କରିବା । ପ୍ରକଳ୍ପ ଗୁଡ଼ିକୁ ପ୍ରଧାନମନ୍ତ୍ରୀ ୫ ତାରିଖ ତାଙ୍କ ଗସ୍ତ ସମୟରେ ଘୋଷଣା କରିବା ପାଇଁ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ କଂଗ୍ରେସ କାର୍ଯ୍ୟକାରିଣି ସଦସ୍ୟ ଡ. ରାମଚନ୍ଦ୍ର ଖୁଂଟିଆ ଦୃଢ଼ ଦାବୀ କରିଛିଁ । ଦୈତାରୀ ପାରାଦ୍ୱିପ ତୋରିତ ରାଜପଥ ରାସ୍ତାକୁ ୮ଲେନ୍ ବିଶିଷ୍ଟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଏହାକୁ ଶୁଭ ଦେବା ନିର୍ମାଣ କାର୍ଯ୍ୟ ସରିନଥିବାରୁ ଏହାକୁ ଲୋକାର୍ପଣ କରିବା ସମୟ ଆସିନାହିଁ । ସେହପରି ଯାଜପୁର ରୋଡ଼୍ ଫ୍ଲାଇ ଓଭର ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଟଙ୍କା ଦେବା ପରେ ନିର୍ମାଣ କରିବା ପାଇଁ ଟେଣ୍ଡର କରାଯାଇନଥିବାବେଳେ ଏହାକୁ ଲୋକାର୍ପଣ କରିବା ନିର୍ବାଚନ ପୂର୍ବରୁ ଏହା ରାଜନୈତିକ ଉଦ୍ଦ୍ୟେଶ ପ୍ରଣୋଦିତ । ଯାଜପୁର–କେନ୍ଦୁଝର – ରାଉରକେଲା–ସୁନ୍ଦରଗଡ଼ ଅଂଚଳରୁ ହଜାର ହଜାର କୋଟି ଟଙ୍କାର ଖଣିଜ ପଦାର୍ଥ ବିଦେଶକୁ ପଠାଯାଉଥିଲାବେଳେ ଏହି ଖଣିଜ ପଦାର୍ଥ ସରିଗଲା ପରେ ଯାଜପୁର କେନ୍ଦ୍ରଝର – ରାଉରକେଲା – ସୁନ୍ଦରଗଡ଼ ଡ. ଖୁଂଟିଆ ପ୍ରଶ୍ନ କରିଛନ୍ତ । ଏଣୁ ଏ ସମସ୍ତ ଖଣିଜ ପଦାର୍ଥ ରପ୍ତାନ କରି ଯାଜପୁର କେନ୍ଦ୍ରଝର – ରାଉରକେଲା – ସୁନ୍ଦରଗଡ଼ ଅଂଚଳରେ ଏହି ଖଣିଜ ପଦାର୍ଥକୁ ବିନିଯୋଗ କରି ନୂତନ କଳକାରଖାନା ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିବାକୁ ପ୍ରଧାନମନ୍ତ୍ରୀଙ୍କ ଠାରେ ଡ. ଖୁଂଟିଆ ଦାବୀ କରିଛିଁ । ଏହି ଉପରୋକ୍ତ ପ୍ରୋଜେକ୍ଟ ଗୁଡ଼ିକୁ ଘୋଷଣା କରାନଗଲେ ଏହା ପ୍ରଧାନମନ୍ତ୍ରୀଙ୍କର କେବଳ ଏକ ନିର୍ବାଚନ ସଭା ଏବଂ ଏହାକୁ କଂଗ୍ରେସ ଦଳ ତରଫରୁ ବିରୋଧ କରାଯିବ ବୋଲି ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ମନୋଜ ରାଉତ କଂଗ୍ରେସ ନେତା, ଶ୍ରୀ ସନ୍ତୋଷ ନନ୍ଦ ।

# କନ୍ଧମାଳରେ ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

ଫୁଲବାଣୀ,(ପି.ଏନ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ରବିବାର ଓ ସୋମବାର ଦୁଇଦିନ ଧରି କନ୍ଧମାଳ ଜିଲ୍ଲାରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସାଂସଦ ଶ୍ରୀ ସାମନ୍ତ ରବିବାର ପୂର୍ବାହ୍ନରେ ଫୁଲବାଣୀରେ ଆୟୋଜିତ ବିରାଟ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ କନ୍ଧମାଳ ଜିଲ୍ଲାରେ ବିକାଶର ରଥ ଆଗେଇ ଚାଲିଛି ବୋଲି କହିଥିଲେ । କନ୍ଧମାଳ ଜିଲ୍ଲାବାସୀଙ୍କ ସହଯୋଗରେ କନ୍ଧମାଳକୁ ଏକ ନମ୍ବର ଜିଲ୍ଲାରେ ପରଣିତ କରିବା ପାଇଁ ସେ ଆହ୍ୱାନ କରିଥିଲେ । ପରେ ଶ୍ରୀ ସାମନ୍ତ ବାଲିଗୁଡ଼ା ବ୍ଲକର ୪ଟି ଦୁର୍ଗମ ପଞ୍ଚାୟତରେ ୧୫କୋଟି ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ଯୋଜନାରେ ନିର୍ମାଣ ହେବାକୁ ଥିବା ୪ଟି ସେତୁର ଭିତ୍ତିପ୍ରସ୍ଥର ସ୍ଥାପନ କରିଛନ୍ତି । ବାଲିଗୁଡ଼ା ବ୍ଲକର ବାରଖମା ପଞ୍ଚାୟତ ଡ଼େଲାମୁଣ୍ଡାଠାରୁ ଗତିଙ୍ଗିଆ ରାସ୍ତାରେ ୨କୋଟି ୮୭ଲକ୍ଷ ଟଙ୍କା ବ୍ୟୟରେ ଏବଂ ସଲାଗୁଡ଼ା ପଞ୍ଚାୟତ ସକରପଡ଼ି–ବୁକୁକିଆ ରାସ୍ତାରେ ୨କୋଟି ୯୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ବୁଡ୍ଡୁରୁକିଆ ପଞ୍ଚାୟତର ମାଦିନାଟ ନାଳ ଉପରେ ୫କୋଟି ୫ଲକ୍ଷ ଟଙ୍କା ଏବଂ ସିନ୍ଦ୍ରିଗାଁ ପଞ୍ଚାୟତର ଗାଡ଼ିଆଯୋଡ଼ି ନାଳ ଉପରେ ୩ କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ହାଇ ଲେବଲ୍ ସେତୁର ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, କନ୍ଧମାଳ ଜିଲ୍ଲା ପରିଷଦ ଅଧକ୍ଷା ନନ୍ଦିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାଇକିଆ ବ୍ଲକର ସୁଗଡ଼ାବାଡ଼ି–ଡ଼ିଗି ରାସ୍ତାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେବା ସହ ରାଇକିଆ, ଟିଆଙ୍ଗିଆ, କାନବାଗେରୀ, ଟିକାବାଲିଠାରେ ସଂଖ୍ୟାଲଘୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହାଛଡ଼ା ରାଇକିଆଠାରେ ପଞ୍ଚାୟତ ସୁବିଧା କେନ୍ଦ୍ର ଓ ରାଇକିଆ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ । ପରେ ରାଇକିଆଠାରେ ୩ଟି ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାଙ୍କୁ ନିଜସ୍ୱ ପାଣ୍ଠିରୁ ସିଲେଇ ମେସିନ୍ ବଣ୍ଟନ କରିଥିଲେ ।

# ଫିରିଙ୍ଗିଆରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ୮୫ ୟୁନିଟ ରକ୍ତ ସଂଗୃହିତ

କନ୍ଧମାଳ,(ପିଏନ)–କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଦରମହକୁମା ଠାରେ ଥିବା ବିଜୁକଲ୍ୟାଣ ମଣ୍ଡପରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କର୍ଣ୍ଣଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା । ଏଥିରେ କନ୍ଧମାଳ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସାରତୀ ମଲ୍ଲିକ,ଜିଲ୍ଲା ବିଜେଡି ଯୁବ ସଭାପତି ବିଷ୍ଣୁଚରଣ ମଲ୍ଲିକ,ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ,ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ କହଁର,ସମିତି ସଭ୍ୟ ପ୍ରତାପ କୁମାର ସାହୁ,ବିଜୁ ଜନତା ଦଳ ଫିରିଙ୍ଗିଆ ସଭାପତି ପ୍ରଦୀପ କୁମାର ବେହେରାଙ୍କ ସମେତ ଅନ୍ୟ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ରହି ରକ୍ତ ଦାନ କରିଥିଲେ ।




2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


# ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)– ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ – ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢ଼ୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ । ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତ୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମଧ ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ–ମେଲ୍ ଯୋଗେ ଏକ ପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

## ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ

# ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)– ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

# ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ

ଭୁବନେଶ୍ୱର, (ପିଏନ)– ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆଜି ପୂର୍ବାହ୍ନରେ ଆୟୋଜିତ ରାଜ୍ୟସ୍ତରୀୟ ୱେବିନାରରେ ରାଜ୍ୟର କିଶୋରୀମାନଙ୍କ ନିମନ୍ତେ ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ମୋ ସ୍ୱର, ଆମର ସମାନ ଭବିଷ୍ୟତ । ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏହି ପ୍ୟାକେଜ ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରାଜ୍ୟର ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଏବଂ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଏହା କାର୍ଯ୍ୟକାରୀ କରାଯିବ ।

ଏହି ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ଅଦ୍ୱିକାର ଅର୍ଥ ଅଦ୍ୱିତୀୟ କରି ଗଢ଼ି ତୋଳିବାରେ ଏହା ଏକ ଅଭିନବ ପ୍ରୟାସ । ନିଜ ସମସ୍ୟାକୁ ବୁଝିପାରିଲେ ନିଜ ଅଧିକାର ପାଇଁ ସେମାନେ ଲଢ଼ି ଶିଖିବେ ଏବଂ ସମାଜରେ ଦୃଢ଼ ଭାବେ ଠିଆ ହୋଇପାରିବେ । ପ୍ରତ୍ୟେକ ଝିଅଙ୍କ ସୁରକ୍ଷିତ, ସୁଖପୂର୍ଣ୍ଣ ଉଜ୍ଜଳ ଭବିଷ୍ତ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ।

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Saturday July 20 2024 | ଭୁବନେଶ୍ୱର ଶନିବାର, ଜୁଲାଇ ୨୦,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com

## ଆମେରିକାର ଦୃଷ୍ଟିବାଧିତ ଛାତ୍ରୀ ମାନଙ୍କୁ କ୍ରିକେଟ ଖେଳ ବିଷୟରେ ତାଲିମ ଦେବେ କୋରାପୁଟ ପୁଅ



କୋରାପୁଟ:(ପି ଏ ନ ) ଆମେରିକାର ପିଲାଙ୍କୁ କ୍ରିକେଟ ଉପରେ କୋଚିଂ ଦେବେ ଭାରତୀୟ ଦୃଷ୍ଟିବାଧିତ କ୍ରିକେଟର ସୁଖରାମ ମାଝି ଓ ନକୁଳ ବଡନାୟକ । ଭାରତ ଭଳି ଆମେରିକାରେ ଦୃଷ୍ଟିବାଧିତ କ୍ରିକେଟ ଟିମ ତିଆରି କରିବା ପାଇଁ ଖେଳାଳୀ ବାହାର କରିବେ ।ଏକଥା ଶୁଣିବା ପରେ କୋରାପୁଟରେ ଖୁସିର ଲହରି ଖେଳିଯାଇଛି । କୋରାପୁଟର ୨ ଜଣ କ୍ରିକେଟର ଆମେରିକା ଯିବେ ।ତେଣୁ ଗାଁ ଠାରୁ ସହର ସବୁଆଡ ଚର୍ଚ୍ଚା ହେଉଛି । ସୁଖରାମଙ୍କ ସହ ତାଙ୍କ ସହଯୋଗୀ କ୍ରିକେଟର କୋରାପୁଟ ଜିଲ୍ଲାର ନକୁଳ ବଡ ନାୟକ ମଧ୍ୟ ଯିବେ ଆମେରିକା । ଓଡିଶାର ୪ ଜଣ କ୍ରିକେଟର ସମେତ ଭାରତୀୟ ଟିମର ୨୫ ଜଣ ସଦସ୍ୟ ଆମେରିକା ଯିବେ। ଆମେରିକାର ୯ ଟି ସହରରେ ବନ୍ଧୁତ୍ୱ ପୂର୍ଣ୍ଣ ମ୍ୟାଚ୍ ଖେଳିବେ । ଆମେରିକାରେ କ୍ରିକେଟ ପ୍ରତି ରୁଚି ବ ?ଥିବାରୁ ଦୃଷ୍ଟିବାଧିତ କ୍ରିକେଟରଙ୍କୁ ନେଇ ଟିମ ଗଠନ କରିବାକୁ ଆଗ୍ରହୀ ଅଛି ଆମେରିକା । କ୍ରିକେଟ ଆସୋସିଏସନ୍ ଫର ଦି ବ୍ଲାଇଣ୍ଡ ଇନ ଇଣ୍ଡିଆ ପକ୍ଷରୁ ଏହି ଟିମ ଆମେରିକା ଯିବ ।ସୁଖରାମ ଆସନ୍ତା ୨୧ ଜୁଲାଇରେ କୋରାପୁଟରୁ ବେଙ୍ଗାଲୁର ଅଭିମୁଖେ ଯାତ୍ରା ଆରମ୍ଭ କରି ସେଠାରେ ପହଁଞ୍ଚିବା ପରେ ୨୪ ତାରିଖରେ ଆମେରିକା ଅଭିମୁଖେ ଯାତ୍ରା କରିବେ। ଆମେରିକାରେ ୫୬ ଦିନ ରହି ସେଠାକାର ଦୃଷ୍ଟିବାଧିତ ଛାତ୍ରୀମାନଙ୍କୁ କ୍ରିକେଟ ଖେଳ ବିଷୟରେ ତାଲିମ ପ୍ରଦାନ କରିବେ ବୋଲି କହିଛନ୍ତି ।ସୁଖରାମଙ୍କ ସହ ଓଡ଼ିଶାର ୩ ଜଣ ଆନ୍ତର୍ଜାତିକ ଦୃଷ୍ଟି ବାଧିତ କ୍ରିକେଟ ଖେଳାଳି ମଧ ଆମେରିକାରେ ତାଲିମ ପ୍ରଦାନ କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ସୂଚ଼ନା ଦେଇଛନ୍ତି । ସୁଖରାମ ୨୦୨୨ ମସିହାରୁ ଜୁନିୟର ଆସିଷ୍ଟାଣ୍ଟ (କନିଷ୍ଠ କିରାଣୀ) ଭାବେ ସରକାରୀ ଉଚ୍ଚ୍ ବିଦ୍ୟାଳୟରେ କାର୍ଯ୍ୟ କରୁଛନ୍ତି । ସେ ଆମେରିକା ଗସ୍ତ ସାରି ଫେରିଲେ ତାଙ୍କ ସ୍କୁଲରେ ପୁଅ ଓ ଝିଅଙ୍କ ୨ଟି କ୍ରିକେଟ ଟିମ କରି ସେମାନଙ୍କୁ ତାଲିମ ପ୍ରଦାନ କରିବା ସହ ଖେଳର ଉନ୍ନତି ପାଇଁ କାର୍ଯ୍ୟ କରିବେ ଓ ସ୍କୁଲର ନାମକୁ ଉଚ୍ଚ୍ କରିବେ ବୋଲି କହିଛନ୍ତି । ପୂର୍ବରୁ ସ୍କୁଲରେ ପଢୁଥିବା ଝିଅମାନେ କ୍ରିକେଟ ଖେଳିବାକୁ ଆଗ୍ରହ ପ୍ରକାଶ କରୁନଥିଲେ। ସୁଖରାମ ସ୍କୁଲରେ ଯୋଗ ଦେବା ପରେ ଝିଅମାନେ କ୍ରିକେଟ ଖେଳିବାକୁ ଅଧିକ ଆଗ୍ରହ ପ୍ରକାଶ କରିଛନ୍ତି । ପାଠ ସହ କ୍ରିକେଟ ଖେଳ ପ୍ରତି ପିଲାଙ୍କ ମଧ୍ୟରେ ଆଗ୍ରହ ଦେଖାଦେଇଛି ବୋଲି ସ୍କୁଲର ଶିକ୍ଷକ ଓ ଛାତ୍ରୀମାନେ କହିଛନ୍ତି ।ସୁଖରାମ ଆନ୍ତର୍ଜାତୀୟ ଦୃଷ୍ଟିବାଧିତ କ୍ରିକେଟର ହେବା ପରେ ଏବେ ସେ ଚାକିରି କରୁଥିବା ସ୍କୁଲର ପିଲାମାନଙ୍କୁ କ୍ରିକେଟ ଖେଳିବାକୁ ଉତ୍ସାହିତ କରୁଛନ୍ତି । ଆଗ୍ରହୀ ପିଲାଙ୍କୁ କୋଚିଂ ଦେଉଛନ୍ତି । ତାଙ୍କର ଏ ସଫଳତା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି ।

## ନିଶା ଦେଇ ବସ୍ କର୍ମଚାରୀଙ୍କୁ ଲୁଟ୍

ପାରାଦୀପ,(ପି.ଏନ): ଦୁଇ ଦିନ ପାଇଁ ବସ୍ ଭଡାରେ ନେବାକୁ କହି ବସ୍ କର୍ମଚାରୀଙ୍କୁ ଚା ପିଇବାକୁ ଦେଇ ବସ୍ କର୍ମଚାରୀଙ୍କୁ ଲୁଟ୍ କରିବା ଘଟଣା ପାରାଦୀପରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଘଟଣାରୁ ପ୍ରକାଶଯେ, ପାରାଦୀପ ଆଦର୍ଶ ଥାନା ନିକଟରେ ଥିବା ପାରାଦୀପ ବସ୍ ଷ୍ଟାଣ୍ଡରେ ସୋମବାର ବିଳମ୍ବିତ ରାତିରେ ପାରାଦୀପ ବସ୍ ଷ୍ଟାଣ୍ଡରେ ତ୍ରିଦେବୀ ବସ୍‌ରେ ପହଂଚିଥିଲେ କିଛି ଅଜଣା ଲୋକ । ବସ୍‌କୁ ଦୁଇ ଦିନିଆ ଭଡାରେ ନେବା ପାଇଁ ବସ୍ କର୍ମଚାରୀଙ୍କ ସହିତ କଥା ହୋଇଥିଲେ । ତ୍ରିଦେବୀର ଦୁଇ ଗୋଟି ବସ୍‌ର ଚାରି ଜଣ କର୍ମଚାରୀଙ୍କ ସହିତ ସେମାନେ କଥା ହେବା ସହିତ ସମ୍ପର୍କ ବଢାଇ ଚା ପିଇବାକୁ ଦେଇଥିଲେ । ଦୁଇ ଜଣ ଡ୍ରାଇଭର, ଜଣେ ହେଲପର ଓ ଜଣେ କଣ୍ଡକ୍ଟର ଘଟଣା ସମୟରେ ଉପସ୍ଥିତ ଥିଲେ । ସକାଳୁ ଏହା ଦେଖି ଅନ୍ୟ ବସ୍ କର୍ମଚାରୀମାନେ ସେମାନଙ୍କୁ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନା'ରିତ କରାଯାଇଛି । ଖବରପାଇ ପାରାଦୀପ ପୋଲିସ୍ ପହଂଚି ତଦ' ଆରମ୍ଭ କରିଛି । ସେମାନଙ୍କ ଚେତା ଫେରିବା ପରେ ଲୁଟ୍ ସମ୍ପର୍କିତ ସଠିକ୍ ତଥ୍ୟ ମିଳିପାରିବ ବୋଲି ଜଣା ପଡିଛି ।

## ରୋଟାରୀ କଟକ ମିଲେନିୟମ ପକ୍ଷରୁ କ୍ୟାନସର ପୀଡିତଙ୍କୁ ଖାଦ୍ୟ ବିତରଣ



କଟକ,(ପି.ଏନ): ରୋଟାରୀ କ୍ଲବ ଅଫ୍ କଟକ ମିଲେନିୟମ ପକ୍ଷରୁ ମର୍କତନଗର ସେକ୍ଟର-୮ ସ୍ଥିତ କ୍ୟାନସର ରୋଗୀଙ୍କପାଇଁ ସ୍ୱଳ୍ପକାଳୀନ ରହଣୀ ସ୍ଥାନ ଆପନା ଘର ଅନୁଷ୍ଠାନରେ ରନ୍ଧା ଖାଦ୍ୟ ବିତରଣ କରାଯାଇଛି । ରୋଟାରୀ ଏହି ଦିବସକୁ ଅନ୍ନପୂର୍ଣ୍ଣା ଦିବସ ଭାବରେ ପାଳନ କରିଥାଏକ୍ଷ ଏହି କାର୍ଯ୍ୟକ୍ରମରେ କ୍ଲବର ପୂର୍ବତନ ସଭାପତି ଡ. ଅନଙ୍ଗ ମୋହନ ଦ୍ୱିବେଦୀ, ଡ.ଚନ୍ଦ୍ରପ୍ରଭା ମହାନ୍ତି, ଡ.ଜଗନ୍ନାଥ ଦାସ, ପ୍ରଦୀପ ମହାନ୍ତି , ପୂର୍ବତନ ସମ୍ପାଦକ ଜ୍ଞାନେନ୍ଦ୍ର ବିଶ୍ୱାଳ, ସୁଧୀର ରଥ ପ୍ରମୁଖ ଯୋଗ ଦେଇଥିଲେ ।ଅପନା ଘର ଅନୁଷ୍ଠାନର କର୍ମକର୍ତ୍ତା ଲିପିକା ଲୋପାମୁଦ୍ରା ଓ ମଧୁସ୍ମିତା ବେହେରା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । କ୍ଲବର ସଭାପତି ଦୀପକ କୁମାର ମହାନ୍ତ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

## ବାସୁଦେବପୁରରେ ଧରାପଡିଲେ ଗଞ୍ଜେଇ ବେପାରୀ

ବାସୁଦେବପୁର,(ପି.ଏନ): ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳ ରେ ପଶ୍ଚିମବଙ୍ଗର ଗଞ୍ଜେଇ ବେପାରୀ ଙ୍କ ରାଜ ଦିନକୁ ଦିନ ବଢିବାରେ ଲାଗିଥିବାବେଳେ ଗତକାଲି ଅପରାହ୍ନରେ ବେତଡା ଗୋରୁ ହାଟ ନିକଟରୁ ତିନି ଜଣ ଙ୍କୁ ଗିରଫ କରିଛି ବାସୁଦେବପୁର ପୋଲିସ । ଏହି ଅବସରରେ ବାସୁଦେବପୁର ଥାନା ପରିସରରେ ଏକ ଖବର ଦାତା ସମ୍ମିଳନୀରେ ସୂଚ଼ନା ଦେଇଛନ୍ତି ବାସୁଦେବପୁର ଆଇ ଆଇ ସି ଲୋପାମୁଦ୍ରା ନାୟକ। ବାସୁଦେବପୁର ପୋଲିସ କୌଣସି ସୂତ୍ରରୁ ଖବର ପାଇ ଆଇଆଇସି ଲୋପାମୁଦ୍ରା ନାୟକ ଙ୍କ ତତ୍ୱାବଧାନରେ ଏସଆଇ ପୁନମ ଦେବୀ ବେହେରା, ଏସଆଇ ଅଧିକାରୀ ଦେବି ପ୍ରସାଦ ମହାପାତ୍ର ଙ୍କ ସହିତ କନେଷ୍ଟବଳ ସଞ୍ଜୟ ମହନ୍ତ ବେତଡା ଗୋରୁ ହାଟ ଛକରୁ ଗଞ୍ଜେଇ ବେପାରୀ ଏକ ୱାଗନର ଗାଡି ( ଡବ୍ଲୁ ବି ୦୨ଏସ ୨୧୪୩ ) ରେ ଗଞ୍ଜେଇ ଭର୍ତ୍ତି କାରଟିକୁ କାବୁ କରିଥିଲେ ଏବଂ ତିନି ଜଣ ଗଞ୍ଜେଇ ବେପାରୀ ଙ୍କ ସହିତ ୨୦ କିଲୋଗ୍ରାମ ରୁ ଅଧିକ ଗଞ୍ଜେଇ , ଏକ ୱାଗନର ଗାଡି ( ଡବ୍ଲୁ ବି ୦୨ଏସ ୨୧୪୩ ) ,ଏକ ହୋଣ୍ଡା ୟୁନିକନ ମଟରସାଇକେଲ ( କେ ଏ ୦୨ ଇ ଏସ ୨୩୪ ) , ତିନୋଟି ମୋବାଇଲ, ନଗଦ ୫୦୦୦୦ ଟଙ୍କା ଜବତ୍ କରିଥିଲେ। ଗିରଫ ହୋଇଥିବା ତିନି ଜଣ ପଶ୍ଚିମ ବଙ୍ଗର ୨୪ ପ୍ରଗଣାର କାଲୁ ହଲଦାର (୩୭), ମୋସରାଫିଲ୍ ଲସ୍କର (୧୯), ସଞ୍ଜୟ ସରକାର (୪୭)। ଏହି ଘଟଣାରେ ଗିରଫ ହୋଇଥିବା ତିନି ଜଣଙ୍କୁ କେଶ ନଂ ୫୩୫/୨୪ରେ ୟୁ/ଏସ - ୨୦ ( ବି)( ସସ )(ସି) ଏନଡିପିଏସରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ବାସୁଦେବପୁର ପୋଲିସ। ସେହିପରି ଭାବରେ ବାସୁଦେବପୁର ଅବକାରୀ ବିଭାଗ ପକ୍ଷରୁ ଜଣେ ଗଞ୍ଜେଇ ବେପାରୀ ଙ୍କୁ ଗିରଫ କରିବା ସହିତ ୯ କିଲୋଗ୍ରାମ ର ଗଞ୍ଜେଇ ଜବତ୍ କରିଥିବା ଅବକାରୀ ବିଭାଗ ପକ୍ଷରୁ ସୂଚ଼ନା ଦିଆଯାଇଛି। ସୂଚ଼ନା ଅନୁଯାୟୀ ଗତକାଲି ସକାଳ ପ୍ରାୟ ୯ଟା ସମୟରେ କୌଣସି ସୂତ୍ରରୁ ଖବର ପାଇ ବାସୁଦେବପୁର ଅବକାରୀ ବିଭାଗ ପକ୍ଷରୁ ସୁପରିନଟେଣ୍ଡେଣ୍ଟ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଓ ଆଇ ସି ନଟବର ମଲ୍ଲିକ୍ ଏବଂ ତାଙ୍କ ଟିମ୍ ଙ୍କ ମିଳିତ ଭାବରେ ଚଢାଉ କରି ମାତାଜୀମଠ ଛକରୁ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବା ସହିତ ଏକ ହୁଣ୍ଡାଇ କାର ( ଓ ଡି ୦ ୧ ୱାଇ ୬୫୬୯) ଏବଂ ନଗଦ ୧୨୦୦୦ ଟଙ୍କା ଜବତ୍ କରିଥିଲେ। ଗିରଫ ହୋଇଥିବା ଗଞ୍ଜେଇ ବେପାରୀ ବେତଡା ଚନ୍ଦନପୁର ଗ୍ରାମ ର କଳ୍ପତରୁ ବିଶ୍ୱାଳଙ୍କୁ କେଶ ନଂ ୬୬/୨୪ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚ଼ନା ଦିଆଯାଇଛି।

## ରଥଯାତ୍ରାରେ ଭକ୍ତ କଲବଲ : ଖରା ବର୍ଷାରେ ବଡଦାଣ୍ଡରେ ଶୋଇଲେ ଶ୍ରଦ୍ଧାଳୁ

ପୁରୀ,(ପି.ଏନ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଶେଷ ହୋଇଛି । ନବଦିନାତ୍ମକ ଯାତ୍ରାରେ ପ୍ରାୟ ୬୦ ଲକ୍ଷ ପୁରୀକୁ ଆସିଛନ୍ତି । ପ୍ରାୟ ୨ ଶହ ୫୦ କୋଟି ଟଙ୍କାର ବେପାର ହୋଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଏସବୁ ସତ୍ତ୍ୱେ ରଥଯାତ୍ରୀ ମାନେ ବିଭିନ୍ନ ଉପାୟରେ କଲବଲ ହୋଇଛନ୍ତି । ପୂର୍ବରୁ ଶ୍ରୀମନ୍ଦିର ଚାରିପଟେ ମଠ,ହୋଟେଲ, ଲଜିଂ ଓ ବାସଗୃହ ଥିଲାବେଳେ ହଜାର ଶ୍ରଦ୍ଧାଳୁ ବର୍ଷା ହେଲେ ଆଶ୍ରୟ ନେଉଥିଲେ ।ଚଳିତବର୍ଷ ଲକ୍ଷାଧିକ ଭକ୍ତ ଆସିଥିବା ବେଳେ ସହର ବିଭିନ୍ନ ସ୍ଥାନରେ ଶୋଇପଡିଥିବା ଦେଖିବାକୁ ମିଳିଥିଲା । ବର୍ଷାରେ ଓଦା ହୋଇ ଭକ୍ତ ପ୍ରଭୁଙ୍କୁ ଦର୍ଶନ କରି ଫେରିଛନ୍ତି । ରେଳବାଇ ବିଭାଗ ପକ୍ଷରୁ ଷ୍ଟେସନ ନିକଟରେ ୧୫ ହଜାର ଭକ୍ତ ରହିବା ପାଇଁ ରହଣି ସ୍ଥଳ ହୋଇଥିଲା । ୨୦୧୫ ନବକଳେବର ସମୟରେ ଭକ୍ତ ରହଣି ସ୍ଥଳ ଯେପରି ହୋଇଥିଲା ସେହିପରି ପ୍ରତିବର୍ଷ ରଥଯାତ୍ରା ସମୟରେ ସହରର ବିଭିନ୍ନ ସ୍ଥାନରେ ରହଣି ସ୍ଥଳ ଓ ମାଗଣା ଖାଦ୍ୟ ବଣ୍ଟନ ବ୍ୟବସ୍ଥା କରିବା ପାଇଁ ଭକ୍ତ ମହଲରେ ଦାବି ହୋଇଛି । ଖୋଦ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ହତାରେ ଶହ ଶହ ଶ୍ରଦ୍ଧାଳୁ ସୁନାବେଶ ଦିନ ଜରି ପାଲ ପକାଇ ଶୋଇଥିବା ଦେଖିବାକୁ ମିଳିଥିଲା । ପ୍ରଶାସନ ପକ୍ଷରୁ ଦୁଇ ତିନି ଚାରିଚକିଆ ମାଗଣା ପାର୍କିଂ ସ୍ଥଳ ନଥିବାରୁ ବାଇକ ପ୍ରତି ୧୦୦ ଟଙ୍କା, ଅଟୋରିକ୍ସା ପ୍ରତି ୨୦୦ ଟଙ୍କା ଓ କାର ପିଛା ୪୦୦ ଟଙ୍କା। ବେଆଇନ ପାର୍କିଂ ଫି ଆଦାୟ ହୋଇଥିବା ଅଭିଯୋଗ ହୋଇଛି । ଭକ୍ତପ୍ରିୟ ଜନପ୍ରିୟ ନୂଆ ସରକାର ଭକ୍ତଙ୍କ ସୁବିଧା ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି । ବଡଦାଣ୍ଡ ସଂଲଗ୍ନ ସାହି ବାଟ ସିଲ ହୋଇଥିବା ବେଳେ ବିଭିନ୍ନ ସାହିରେ ଅଟୋ ଓ ବାଳକ ଯୋଗୁ ଜାମ ପରିସ୍ଥିତି ସୃଷ୍ଟି ହୋଇଥିଲା । ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ୫୦ଲକ୍ଷ ପାଣି ବୋତଲ ଆସିଥିବା ବେଳେ ତାହା ସଠିକ ବଣ୍ଟନ ହୋଇନପାରି କାର୍ଯ୍ୟାଳୟ ପରିସରେ ଗଦା ହୋଇଥିବା ଅଭିଯୋଗ ହୋଇଛି । ରଥଯାତ୍ରା ପରେ ଏହା ବିକ୍ରୀ ପାଇଁ ମସୁଧା ଚାଲିଥିବା ଶୁଣା ଯାଉଛି । ବଡଦାଣ୍ଡ ସଂଲଗ୍ନ ଅସ୍ଥାୟୀ ଶୌଚାଳୟ ଓ ପରିସ୍ରାଗାର ନଥିବାରୁ ଭକ୍ତମାନେ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ରଥଯାତ୍ରା ସମୟରେ ବିଜୁଳି ବିଭାଗର ଲୁଚୁକାଳି ଖେଳ ସହରବାସୀଙ୍କୁ ଅସୁବିଧାରେ ପକାଇଛି । ହଜାର ହଜାର ମୋବାଇଲ, ସୁନାଚେନ ଚୋରି ହୋଇଥିଲେ ମଧ୍ୟ ସିସିଟିଭି କାହାରିକୁ ଧରି ପାରିନଥିବା କୁହାଯାଉଛି । ପୌରସଂସ୍ଥା ପକ୍ଷରୁ ପରିମଳ ବ୍ୟବସ୍ଥା ସୁଧୁରି ନଥିବା ଅଭିଯୋଗ ହୋଇଛି । ପୁରୀ ରେଲୱେ ଷ୍ଟେସନ ନିକଟରେ ଟ୍ରକ ଟ୍ରକ ପଲିଥିନ ଓ ଅଳିଆ ପଡି ରହିଥିବି ଦେଖିବାକୁ ମିଳିଛି । ରଥଯାତ୍ରା ସମନ୍ୱୟ ବୈଠକରେ ଖାଦ୍ୟ ଯାଞ୍ଚ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରି ନାହିଁ । ବାସିଖାଦ୍ୟ,ଅପମିଶ୍ରିତ ଖାଦ୍ୟ, ରଙ୍ଗ ମିଶ୍ରିତ ଖାଦ୍ୟ ଯାଞ୍ଚ ନକରିବା ସହ ମୋବାଇଲ କୋର୍ଟ ଜରିଆରେ ଜୋରିମାନା କରି ନଥିବା ଅଭିଯୋଗ ହୋଇଛି । ବିଭିନ୍ନ ହୋଟେଲ ଓ ଲଜିଂରେ ପ୍ୟାକେଜ ଅନୁସାରେ ରୁମ ରେଟ ଅଧିକ ହୋଇଥିବାରୁ ଅନେକ ଭକ୍ତ ଖରା ବର୍ଷାରେ ବଡଦାଣ୍ଡ ସମେତ ସହର ବିଭିନ୍ନ ସାହି ଗଳିରେ ଭକ୍ତ ଶୋଇ ରହିଥିବା ଦେଖିବାକୁ ମିଳିଥିଲା । ବିଭିନ୍ନ ମଦ ଦୋକାନ ବନ୍ଦ ହୋଇଥିଲେ ମଧ୍ୟ ଚୋରାରେ ଅଧିକ ଦାମରେ ମଦ ବିକ୍ରୀ ହୋଇଥିବା କୁହାଯାଇଛି । ସାହିକୁ ବାଇକ ନେଇ ଯିବା ପାଇଁ ଆଧାର କାର୍ଡ ପୋଲିସ ଖୋଜିଥିଲା । ପୋଲିସ ଜୁଲମ ବଢିଥିବା ଅଭିଯୋଗ ହୋଇଛି । ବଡଦାଣ୍ଡ ସିଲ ଥିବାବେଳେ ସୁନାବେଶ ଦିନ ଶହ ଶହ ବାଇକ ଗହଳି ଭିତରେ ବୁଲୁଥିବା ଦେଖିବାକୁ ମିଳିଥିଲା । ବିଭିନ୍ନ ଅନୁଷ୍ଠାନ ଓ ସଂଗଠନକୁ ଦିଆଯାଇଥିବା ଅନୁମତି ପତ୍ର ଗୁଣ୍ଡିଚା,ବାହୁଡା ଓ ସୁନାବେଶ ଦିନ ଅଭିଯୋଗ ହୋଇଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray